ଧରିତ୍ରୀ
DHARITRI
July 14-20, 2024 ₹ 2/-

# ଛୁଟିଦିନ



# ଅମୃତ ଅନୁଭବ

ପ୍ରଚ୍ଛଦ ପ୍ରସଙ୍ଗ

୩

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲିଳା ଯେତିକି ବିଚିତ୍ର , ସେତିକି ରହସ୍ୟମୟ। ସେହି ବିଚିତ୍ର, ବିସ୍ମୟ ଓ ଅବୋଧ ରହସ୍ୟକୁ କେହିକେବେ ଭେଦ କରିପାରି ନାହାନ୍ତି। ହେଲେ ତାଙ୍କୁ ଡ଼ାକିଲେ ସେ ଡାକ ଶୁଣନ୍ତି। ସେହି ଅମୃତ ଅନୁଭବର କଥାରୁ କିଛି...



# ସୌଭାଗ୍ୟ ଆଣିବ ହାତୀ ପ୍ରତୀମା

**ଭଗବାନ ଗଣେଶଙ୍କର ଏକ ସ୍ୱରୂପ କୁହାଯାଉଥିବା ହାତୀକୁ ବି ଅନେକ ପୂଜା କରିଥାନ୍ତି। ଏପରିକି ବାସ୍ତୁଶାସ୍ତ୍ରରେ ମଧ୍ୟ ହାତୀ ପ୍ରତୀମାକୁ ଘରେ ରଖିବା ଶୁଭ ବୋଲି କୁହାଯାଇଥାଏ...**

* ହାତୀ ପ୍ରତୀମା ରଖିବା ପାଇଁ ଘରର ଉତ୍ତର ଦିଗ ସବୁଠୁ ଭଲ ହୋଇଥାଏ। ତା'ଛଡ଼ା ଘରର ମୁଖ୍ୟ ପ୍ରବେଶ ଦ୍ୱାର ଆଡ଼କୁ ମୁହଁ କରି ହାତୀ ପ୍ରତୀମା ରଖିଲେ, ଘର ମଧ୍ୟକୁ ସକାରାତ୍ମକ ଊର୍ଜା ଆସିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

* ଯଶ ଆଉ କୀର୍ତ୍ତିର ପ୍ରତୀକ କୁହାଯାଉଥିବା ହାତୀ ପ୍ରତୀମା ବି କ୍ୟାରିୟର୍‌ରେ ସଫଳତା ଆଣିଥାଏ। କ୍ୟାରିୟର୍‌ରେ ଉନ୍ନତି



ପାଇଁ ଅଫିସ୍ ଟେବୁଲ୍ ଉପରେ ଏପରି ହାତୀର ମୂର୍ତ୍ତି ରଖିବା ଦରକାର ; ଯାହାର ଗୋଟିଏ ଗୋଡ଼ ଟିକେ ଆଗକୁ ଉଠିକି ରହିଥିବ।

* ହାତୀ ଏମିତି ଏକ ପ୍ରାଣୀ ଯିଏକି ଜୀବନକୁ ବେଶ୍ ମଦମସ୍ତ ହୋଇ ଜିଇଁଥାଏ। ତେଣୁ ସୁଖମୟ ଜୀବନ ପାଇଁ ଉପରକୁ ଶୁଣ୍ଢ ଟେକି ରଖିଥିବା ହାତୀର ପ୍ରତୀମା ଘରେ ରଖିବା ଉପକାରୀ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

* ଏକାଗ୍ରତା ବଢାଇବାରେ ବି ହାତୀର ପ୍ରତୀମା ଅନେକ ସାହାଯ୍ୟ କରିଥାଏ। ତେଣୁ ପିଲାଙ୍କ ପଢା ଟେବୁଲ୍ ଉପରେ ଏମିତି ସ୍ଥାନରେ ଗୋଟିଏ ହାତୀ ପ୍ରତୀମା ରଖିବେ ; ଯେମିତିକି ବାରମ୍ବାର ସେମାନଙ୍କ ନଜର ଏହି ପ୍ରତୀମା ଉପରେ ପଡୁଥିବ। ଦେଖିବେ କିଛିଦିନ ଭିତରେ ସେମାନଙ୍କର ଅନେକ ସକାରାତ୍ମକ ପରିବର୍ତ୍ତନ ହୋଇଯିବ।

* ଘରେ ଧଳା ମାର୍ବଲରେ ତିଆରି ହାତୀ ପ୍ରତୀମା ରଖିଲେ ଧନସମ୍ପତ୍ତି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

* ସେହିପରି ସୁନେଲି ରଙ୍ଗର ହାତୀ ପ୍ରତୀମା ଘରକୁ ଐଶ୍ୱର୍ଯ୍ୟ ଆଣିବାରେ ସହାୟକ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ର କହେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୧୪-୨୦

**ମେଷ**



କର୍ମକ୍ଷେତ୍ରରେ ପ୍ରତିବନ୍ଧକ, ଆର୍ଥିକ ଦୂରବସ୍ଥା, ସହକର୍ମୀଙ୍କ ଅସହଯୋଗ, ହିତୈଷୀଙ୍କ ପରାମର୍ଶ, ଲୋକସମ୍ପର୍କ ବୃଦ୍ଧି, ନିଷ୍ପତ୍ତି ବଦଳାଇପାରନ୍ତି, ବ୍ୟବସାୟିକ ସଫଳତା, ରୋଗପୀଡା କମିଯିବ॥

**ବୃଷ**




ନୂତନ କର୍ମାରମ୍ଭ, ସାଂସ୍କୃତିକ କାର୍ଯ୍ୟକ୍ରମ, ନୂତନମିତ୍ରତା ସୃଷ୍ଟି, ବନ୍ଧୁଙ୍କ ସହଯୋଗ, ନୀଚସଂସର୍ଗରୁ ସମାଲୋଚନା, କାର୍ଯ୍ୟସିଦ୍ଧିରୁ ଆତ୍ମତୃପ୍ତି, ସନ୍ତାନହେତୁକ ଗୌରବ, ରୋଗପୀଡା କମିବ।

**ମିଥୁନ**



ଉଚ୍ଚସ୍ତରରେ ମଧୁର ସମ୍ପର୍କ, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, ପରିବାରରେ ବିଶୃଙ୍ଖଳା, କର୍ମଜଞ୍ଜାଳ ବୃଦ୍ଧି, ବୁଝାମଣା ଠିକ୍ ରହିବ, ବ୍ୟବସାୟିକ ଉତ୍କର୍ଷତା, କଳାସାହିତ୍ୟରେ ଉନ୍ନତି, ସତ୍‌ସଙ୍ଗର ସୁଯୋଗ॥

**କର୍କଟ**



ମାନସିକ ଦ୍ୱନ୍ଦ୍ୱ, ନିଷ୍ପତ୍ତି ବଦଳାଇବେ, ଆର୍ଥିକ ଦୂରବସ୍ଥା, ନୂତନ ଗୃହାରମ୍ଭ, ଅବସାଦ ଦୂର ହେବ, ଆଶାବାଦୀ ହୋଇପାରନ୍ତି, ମନୋରଞ୍ଜନର ମଉକା, କ୍ରନିକ୍ ରୋଗରେ ପୀଡା॥

**ସିଂହ**



ବନ୍ଧୁଙ୍କ ବଦାନ୍ୟତା, ବ୍ୟବହାରରେ ପରିବର୍ତ୍ତନ, ପଦାଧିକାରୀଙ୍କ ପ୍ରତିଶ୍ରୁତି, କାମରେ ଅବହେଳା, କୈଫିୟତ ତଲବ, ବିଷମ ପାରିପାର୍ଶ୍ୱିକ ସ୍ଥିତି, ଯୋଜନା ବିଗିଡ଼ିପାରେ, ପାରିବାରିକ ଶାନ୍ତି, କ୍ରୀଡାରେ ସଫଳତା॥

**କନ୍ୟା**



ମାନସିକ ଅସ୍ଥିରତା, ପରୋକ୍ଷ ଶତ୍ରୁତା, ଜମିଜମା ବିବାଦ, ଯାନାବହନରେ ତ୍ରୁଟି, ସମ୍ପର୍କରେ ଫାଟ, ବିଳମ୍ବରେ ସଫଳତା ପାଇବେ, କାମ ହାସଲରେ ବିଳମ୍ବ, ସମାଲୋଚିତ ହୋଇପାରନ୍ତି, ତିର୍ଥାଟନର ସୁଯୋଗ, ଶିଳ୍ପବାଣିଜ୍ୟରେ ଉନ୍ନତି, ଧର୍ମକାର୍ଯ୍ୟରେ ବିଘ୍ନ॥

**ତୁଳା**



ସୁସମ୍ପର୍କ ବ୍ୟାହତ ହେବ, ସଫଳତା ମିଳି ନ ପାରେ, ବିଭିନ୍ନସୂତ୍ରରୁ ରୋଜଗାର, ସଙ୍ଗୀତସାଧନାରେ ଦ୍ୱନ୍ଦ୍ୱ, ନୂତନ ବ୍ୟବସାୟ ଯୋଡିବେ, ମାଙ୍ଗଳିକ କାମର ଆଲୋଚନା, ଘର ସାଜସଜ୍ଜାରେ ବ୍ୟସ୍ତତା, ଋଣ ପରିଶୋଧ କରିବେ, ବନ୍ଧୁଙ୍କ ପରାମର୍ଶ॥

**ବିଛା**



ଭ୍ରାତୃସମ୍ପର୍କରେ ନ୍ୟୁନତା, ପଡୋଶୀଙ୍କ ପ୍ରତାରଣା, ନୂତନ ପ୍ରକଳ୍ପାରମ୍ଭ, ପଦସ୍ଥବ୍ୟକ୍ତିଙ୍କ ପରାମର୍ଶ, ଶେୟାରବଜାରରେ ଉନ୍ନତି, ଆର୍ଥିକ ଅଭିବୃଦ୍ଧି, ଅପ୍ରିୟସତ୍ୟ ଭାଷଣରେ କଳହ, ପାରିବାରିକ ବିତର୍କ, ଶୁଭଖବର ପାଇବେ॥

**ଧନୁ**



ଉଚ୍ଚଚିନ୍ତା କରିବେ, ସାହାଯ୍ୟ ସହଯୋଗ ପାଇବେ, ପରିସ୍ଥିତି ବଦଳିଯିବ, ବନ୍ଧୁପ୍ରିୟ ହୋଇପାରନ୍ତି, ସାମାଜିକ ସମ୍ମାନପ୍ରାପ୍ତି, ସ୍ତ୍ରୀଙ୍କ ପ୍ରେରଣା ମିଳିବ, ସମସ୍ୟାକୁ ସୁଧାରିନେବେ, ପାରିବାରିକ ଖର୍ଚ୍ଚ ବୃଦ୍ଧି, ଦ୍ୱନ୍ଦ୍ୱର ଅବସାନ ଘଟିବ, ଆନୁଷ୍ଠାନିକ କର୍ମାରମ୍ଭ॥

**ମକର**



ଶାରୀରିକ ସୁସ୍ଥତା, ଧନହାନୀ ଘଟିପାରେ, ବନ୍ଧୁଙ୍କ ପ୍ରତାରଣା, ସ୍ଥଗିତ କର୍ମାରମ୍ଭ, ଭାବପ୍ରବଣତା ବଢିବ, ଧୈର୍ଯ୍ୟ ଚ୍ୟୁତି ଘଟିପାରେ, ମନୋରଞ୍ଜନରେ ବିମୁଖତା, ମୂଲ୍ୟବାନ୍ ଜିନିଷ କ୍ରୟ, କର୍ମକ୍ଷେତ୍ରରେ ନୂତନଦାୟିତ୍ୱ, ନିଜ ପରିସରରେ ସମାଲୋଚନା, ବସ୍ତ୍ରଭୂଷଣ ପ୍ରାପ୍ତି॥

**କୁମ୍ଭ**



ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଲକ୍ଷ୍ୟହୀନ ଯାତ୍ରା, ବନ୍ଧୁଙ୍କ ସହ ମନୋମାଳିନ୍ୟ, ସୌଖୀନ ଦ୍ରବ୍ୟ କ୍ରୟ, କଥାବାର୍ତ୍ତାରେ ଅସଂଯମତା, ଭଲକାମ କରି ମଧ୍ୟ ନିନ୍ଦା, ଅର୍ଥସଂକଟ, ମନୋବଳ କମିବ, ସାହିତ୍ୟାନୁରାଗ, ସମ୍ବାଦିକତାରୁ ଗୌରବ, ରାଜନୈତିକ ବିବାଦ॥

**ମୀନ**



ଯୋଜନା କାର୍ଯ୍ୟକାରୀ କରିବେ, ଆର୍ଥିକ ଅନଟନ, ବନ୍ଧୁଙ୍କ ସାହାଯ୍ୟ, ଦୁଶ୍ଚିନ୍ତାର ମାତ୍ରା କମିଯିବ, ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା, ପାରିବାରିକ ଅଶାନ୍ତି, ବୁଝାମଣାରେ ତ୍ରୁଟି, ଆଶାପୂରଣ ହେବ, ନିର୍ମାଣକାର୍ଯ୍ୟର ଶେଷ ପର୍ଯ୍ୟାୟ, ପ୍ରଶାସନିକ ସଫଳତା, ବାଣିଜ୍ୟରେ ପ୍ରତିବନ୍ଧକ॥

# ଉଇ ଲାଗୁଥିଲେ...

**ବ**ର୍ଷାଦିନେ କାଠର କବାଟ, ଝରକା, ଆସବାବପତ୍ରରେ ଉଇ ଲାଗିବା ସାଧାରଣ କଥା। କିନ୍ତୁ ବେଳେବେଳେ ଏହି କ୍ଷୁଦ୍ର କୀଟ ଆମର ଅନେକ କ୍ଷତି କରି ବସନ୍ତି। କାଠର ଦାମୀ ପଲଙ୍କ, ସୋଫା ଅବା କବୋର୍ଡକୁ ଧୀରେ ଧୀରେ କାଟି ତାହାକୁ ଫମ୍ପା କରିଦିଅନ୍ତି ; ଯାହାକି ଆମର ମୁଣ୍ଡବିନ୍ଧାର କାରଣ ସାଜେ। ତେଣୁ ବାଧ୍ୟ ହୋଇ ଆମକୁ ଉଇ ନାଶକ ସ୍ପ୍ରେ ବ୍ୟବହାର କରିବାକୁ ପଡେ। କିନ୍ତୁ ଜାଣନ୍ତି କି ଏମିତି କିଛି ଘରୋଇ ଉପାୟ ରହିଛି ; ଯାହାଦ୍ୱାରା ସହଜରେ ଉଇକୁ ନଷ୍ଟ କରିହେବ। ଯେମିତିକି: * **ଲୁଣ:** ଉଇ ଲାଗିଥିବା ସ୍ଥାନରେ ଲୁଣ ଛିଞ୍ଚିଲେ ଉଇମାନେ ଶୀଘ୍ର ନଷ୍ଟ ହୋଇଯାନ୍ତି ବୋଲି ବିଶ୍ୱାସ କରାଯାଏ।



* **ନିମ୍ବ ପାଣି ସ୍ପ୍ରେ:** ନିମ୍ବରେ ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ଭରି ରହିଥିବାରୁ, କିଛି ନିମ୍ବ ପତ୍ରକୁ ଭଲ ଭାବେ ଚିକ୍କଣ କରି ବାଟି, ସେଥିରେ କିଛି ପାଣି ମିଶାଇ ତାହାକୁ ଉଇ ଲାଗିଥିବା ସ୍ଥାନରେ ବାରମ୍ବାର ସ୍ପ୍ରେ କଲେ ସେଠାରେ ଆଉ ଉଇ ଲାଗେ ନାହିଁ। ଅନ୍ୟପକ୍ଷେ ନିମ୍ବ ତେଲକୁ ବି ଏଥିପାଇଁ ବ୍ୟବହାର କରିହେବ। * **ସିର୍କା:** ସିର୍କାକୁ ଅଳ୍ପ କିଛି ସାଧା ପାଣି ହେଉ ଅବା ଲେମ୍ବୁ ରସରେ ମିଶାଇ ଉଇ ଲାଗିଥିବା ସ୍ଥାନରେ ବାରମ୍ବାର ଛିଞ୍ଚିଲେ ବି ଅନେକ ଉପକାର ମିଳିଥାଏ। * **କାର୍ଡବୋର୍ଡ:** କାର୍ଡବୋର୍ଡକୁ ଓଦା କଲେ ସେଥିରୁ ଏକ ପ୍ରକାର ଗନ୍ଧ ବାହାରେ, ଯାହାକୁ ଉଇ ବେଶୀ ସମୟ ସହ୍ୟ କରିପାରେ ନାହିଁ। ତେଣୁ ଯେଉଁ ସ୍ଥାନରେ ଉଇ ଲାଗିଥାଏ, ସେଠାରେ ଓଦା କାର୍ଡବୋର୍ଡକୁ କିଛି ସମୟ ପକାଇ ପୁଣି ନେଇ ଖରାରେ ଶୁଖାଇଦେବେ। ଏମିତି ୨/୩ ଥର କଲେ ଉଇ ଛାଡିଯାଏ। ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କାଠର ଆସବାବାପତ୍ରକୁ ମଝିରେ ମଝିରେ ଖରାରେ ନେଇ ରଖିବେ। ଏମିତି କଲେ ସେଥିରେ ଉଇ ସହଜରେ ଲାଗେନାହିଁ ବୋଲି ବିଶ୍ୱାସ ରହିଛି।

# ପାଠକୀୟ

* ଜୀବନ ବଞ୍ଚାଇବା ପାଇଁ ଯେବେ ଯେବେ ରକ୍ତର ଆବଶ୍ୟକତା ପଡେ ସେତେବେଳେ ଖୋଜାପଡନ୍ତି ରକ୍ତଦାତା। ଯିଏ ନିଃସର୍ତ୍ତରେ ରକ୍ତ ଦେଇ ବଞ୍ଚାନ୍ତି ଜୀବନ। ସେମିତି କେତେଜଣ ରକ୍ତଦାତାଙ୍କ କଥା ; ଯିଏ ଥରେ କି ଦୁଇ ଥର ନୁହେଁ ଶତାଧିକ ଥର ରକ୍ତଦାନ କରି ବଞ୍ଚାଇଛନ୍ତି ଜୀବନ। ତେଣୁ ଏଭଳି ଏକ ନିଆରା ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ରକ୍ତଦାତା'ଟି ସତରେ ବେଶ୍ ମନଛୁଆଁ ହୋଇଥିଲା। 'ଉପକାରୀ ଇଣ୍ଡୋର୍ ପ୍ଲାଣ୍ଟ', 'ଲୁଣ: କିଛି କଥା' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ସୋନାଲି ସାହୁ, ରସୁଲଗଡ଼, ଭୁବନେଶ୍ୱର*

* ଯେଉଁମାନେ ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାନ୍ତି, ସେମାନେ ମହାନତାର ପରିଚୟ ଦେଇଥାନ୍ତି। ଏମିତି ଥରେ କି ଦୁଇ ଥର ନୁହେଁ ଶତାଧିକ ଥର ରକ୍ତଦାନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କେତେଜଣ ରକ୍ତଦାତାଙ୍କ ସମ୍ପର୍କରେ ଏଥରର ଛୁଟିଦିନ ପ୍ରଚ୍ଛଦ ପ୍ରସଙ୍ଗରୁ ପଢି ବହୁତ ଖୁସି ଲାଗିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ପରଫେକ୍ଟ ସ୍କର୍ଟ ଲୁକ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା।

*– ସୁପ୍ରିୟା ପାତ୍ର, ରାଜକନିକା, କେନ୍ଦ୍ରାପଡ଼ା*

* ବ୍ୟକ୍ତିତ୍ୱ ପୃଷ୍ଠାରୁ କଥାକାର ଶ୍ରୀଯୁକ୍ତ ଅଚ୍ୟୁତା ନନ୍ଦ ପତିଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ ଶାସ୍ତି ଶୀର୍ଷକ ଗପଟି ମନଛୁଆଁ ହୋଇଥିଲା। ସେହିପରି ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି 'ଭୁଲନ୍ତି ନାହିଁ ପରିଣିତୀ', 'ଆକାଶ ଯାହା ଭାବୁଥିଲେ', 'ଏଣୁ ମାରିଲେ ଗୋ ହତ୍ୟା' ଆଦି ପାଠଗୁଡ଼ିକ ବେଶ୍ ନିଆରା ଥିଲା।

*– ସୁଶ୍ରୀ ସ୍ୱାଇଁ, ସମ୍ବଲପୁର*

* ଅନୁବାଦକ ତଥା ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ମନମୋହନ ପ୍ରଧାନଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତରଗୁଡ଼ିକ ରୋମାଣ୍ଟିକ୍‌ଭରା ଲାଗୁଥିଲା। 'ଅଜବ ଜନଜାତି' ଶୀର୍ଷକ ପାଠଟି ବି ବେଶ୍ ଅଜବ ଥିଲା। ମଡେଲ୍ ମିରର୍‌ରେ ବିଶାଲ୍ ଖୁବ୍ ହ୍ୟାଣ୍ଡସମ୍ ଲାଗୁଥିଲେ।

*– ମୌସୁମୀ ପାତ୍ର, ମୟୂରଭଞ୍ଜ*

* ସହରଠୁ ଦୂର ପୃଷ୍ଠାରୁ ସହସ୍ର ବାହୁ ମନ୍ଦିର ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ବିବିଧା ପୃଷ୍ଠାରେ ସ୍ଥାନିତ କାଓବୟ ଶୀର୍ଷକ ପାଠଟି ବି ବେଶ୍ ତଥ୍ୟପୂର୍ଣ୍ଣ ଥିଲା। ଚିନ୍ମୟ ଚିନ୍ତନରେ 'ଧନକୁ ଠୁଳ କରି ରଖନା, ବାଣ୍ଟିଦିଅ' ଶୀର୍ଷକ ପାଠଟି ମନୁଛୁଆଁ ହେବା ସହିତ ଶିକ୍ଷଣୀୟ ହୋଇଥିଲା। ଅନ୍ୟପକ୍ଷେ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ସମସ୍ତ ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*– ରୂପଶ୍ରୀ ପଟ୍ଟନାୟକ, ଝାରସୁଗୁଡ଼ା*

## ବିଶେଷ ଚିଠି



ରକ୍ତଦାତା ଥିଲା
ଏଥର ପ୍ରଚ୍ଛଦ ପ୍ରସଙ୍ଗରେ
କରୁଥିଲା କିମିଆ
ଆନନ୍ଦ ଭରୁଥିଲା ମନରେ।
ଲାଇଫ୍ ଷ୍ଟାଇଲ୍, ବ୍ୟକ୍ତିତ୍ୱ
ସହର ଓ ସୃଜନ,
ତା'ସାଙ୍ଗକୁ ପୁଣି ଥିଲା
ବିବିଧାର ଲେଖାମାନ।
ସତରେ ଛୁଟିଦିନ
ତୁମର ପ୍ରତି ପୃଷ୍ଠା ଲାଗେ
ଭାରୀ ଉତ୍ତମ।

*– ତପସ୍ୱିନୀ ଧଳ, ରାଉରକେଲା*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com





# ଅମୃତ ଅନୁଭବ

**ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲିଳା ଯେତିକି ବିଚିତ୍ର , ସେତିକି ରହସ୍ୟମୟ। ସେହି ବିଚିତ୍ର, ବିସ୍ମୟ ଓ ଅବୋଧ ରହସ୍ୟକୁ  କେହିକେବେ ଭେଦ କରିପାରି ନାହାନ୍ତି। ବିଭିନ୍ନ ସମୟରେ ଭକ୍ତଙ୍କ ମନକଥା ଜାଣି ମହାପ୍ରଭୁ  ସେପରି  ତାଙ୍କର  ଇଛାକୁ ପୂରଣ କରିଥାନ୍ତି। ସେମିତି କେତୋଟି ଅମୃତ ଅନୁଭୂତି ସମ୍ପର୍କରେ ..**

.............................

**ସବୁ ସେଇ ଲୀଳାମୟଙ୍କ ଇଚ୍ଛା: ଲଳିତ କୁମାର ସ୍ୱାଇଁ,ଶିକ୍ଷକ**

କଥାରେ ଅଛି, ଭାବ ଥିଲେ ପୁରୀ ଆଉ ଦୁଇ ହାତ। ମୋ ଗାଁ ଚିଲିକା ପାରିକୁଦ ଅଞ୍ଚଳରେ। ପୁରୀଠାରୁ ପ୍ରାୟ ୮୦ କିମି ଦୂର। ୨୦୦୫ ମସିହା କଥା। ମୋର ଯୁକ୍ତ ଦୁଇ ସରିଥାଏ। ବେକାରି ତାଲିକାରେ ନାମ ଲେଖାଇବା ପାଇଁ ସେଦିନ ଜୀବନରେ ପ୍ରଥମ ଥର ପୁରୀ ବାହାରିଲି। ଜଗା ଦର୍ଶନର ଇଚ୍ଛା ଥାଏ। ଘରୁ ପୁରୀ ଯିବା ପାଇଁ ବଡ଼ି ସକାଳୁ ଗୋଟିଏ ବସ୍ ଥାଏ, ପୁଣି ସଞ୍ଜକୁ ଫେରିବ। ପୁରୀ ଯିବା ରାସ୍ତାରେ ପଡ଼େ ନିଳାମ୍ବୁ ଚିଲିକା। ବେଳ ଥାଉ ଥାଉ ନ ଫେରିଲେ ଡଙ୍ଗା କି ଭସାପୋଲ କିଛି ମିଳିବନି। ବସ୍ ସାଢ଼େ ୧୧ଟାରେ ପହଞ୍ଚି ସାଢ଼େ ଗୋଟେରେ ଛାଡ଼ିବ। ଦୁଇ ଘଣ୍ଟା ଭିତରେ କାମ ନ ସାରିଲେ ଆଉ ଗୋଟିଏ ଦିନ ଅର୍ଥାତ୍ କାଲିର କଥା। ସମୟ ଥାଉଣୁ ନ ପହଞ୍ଚିଲେ ସିଟ୍ ମିଳିବ ନାହିଁ। ଠିଆ ଠିଆରେ ଆସିବାକୁ ପଡ଼ିବ ପ୍ରାୟ ଛ' ଘଣ୍ଟା। ପାଖରେ ଟଙ୍କା ଯାହା ବସ୍ ଖର୍ଚ୍ଚକୁ ଅଛି। ଦିନେ ରହି ଖାଇବା ପାଇଁ ମୋ ପାଖେ ସେମିତି ଅର୍ଥ ନ ଥିଲା। ବସ୍ଷ୍ଟାଣ୍ଡ ପାଖରେ ହିଁ ଜିଲା ନିୟୋଜନ କାର୍ଯ୍ୟାଳୟ। ଜଲ୍ଦି କାମସାରି ଟିକେ ଜଗାକୁ ଦେଖି ବାହୁଡ଼ିବା ପାଇଁ ମନେ ମନେ ସ୍ଥିର କଲି। ଅଫିସ୍‌ରେ ଭିଡ଼ ଯୋଗୁ ମୋ କାମ ସରିଲା ବେଳକୁ ସମୟ ପ୍ରାୟ ୧ଟା ବାଜିସାରିଲାଣି। ଅଟୋରେ ଯିବା ପାଇଁ ମଧ ଟଙ୍କା ନଥାଏ। ସେଥିଯୋଗୁ ଧାଇଁ ଧାଇଁ ଯାଇ ବସ୍‌ରେ ସିଟ୍‌ଟିଏ ରଖିଦେଇ ତା'ପରେ ତର ତର ହୋଇ ବାହାରି ପଡ଼ିଥିଲି ମନ୍ଦିର ଅଭିମୁଖେ। ଜଗାକୁ ଦର୍ଶନ କରି ଯାହା କହିବା କଥା କହି, ଦେଉଳ ଦୁଆର କୁ ଫେରିଲା ବେଳକୁ ବସ୍ ଛାଡିସାରିଥାଏ। ବସ୍‌ରେ ମୋର ବ୍ୟାଗ୍, ସାର୍ଟିଫିକେଟ ସବୁକିଛି ଥାଏ। ନିରୁପାୟ ହୋଇ କାନ୍ଦି ପକାଇଲି। ଦଉଡ଼ି ଦଉଡ଼ି ଗଲେ ବି ବସ୍ ପାଇବି ନାହିଁ। ଦୁଇହାତ ଟେକି ବଡ଼ଦାଣ୍ଡରେ ମହାପ୍ରଭୁଙ୍କୁ ସ୍ମରଣ କଲି। ମୋ ଆଖି ବନ୍ଦ ଥାଏ, ହଠାତ୍ ଗୋଟିଏ ସ୍କୁଟରର ହର୍ନ ମୋ କାନରେ ବାଜିଲା। ଆଖି ଖୋଲି ଦେଖିଲାବେଳକୁ ଜଣେ ବୁଢ଼ାଲୋକ ସ୍କୁଟର ନେଇ ମୋ ପାଖରେ ଠିଆ ହୋଇଛନ୍ତି। –ଆରେତୁସେତେବେଳୁଏଇଠିଅଛୁ।ମୁଁତତେକେତେଖୋଜିଲାଣି।ଜଲ୍‌ଦିବସ। ମୁଁ କିଛି ନ ଭାବି ସ୍କୁଟରରେ ବସିଗଲି। କିଛି ବି କହିନି ସେ ସ୍କୁଟର ଆଣି ମତେ ବସ୍ ପାଖରେ ଶୀଘ୍ର ପହଞ୍ଚାଇଦେଇ ଫେରିଗଲା। ମୁଁ କିଛି ବୁଝି ପାରି ନ ଥିଲି।  ଏତେ ଜଲ୍‌ଦିରେ ସେଦିନ ତାଙ୍କ ନାମ କି ଠିକଣା କିଛି ବି ପଚାରି ପାରି ନଥିଲି। କୋଉଁଠି ଦେଖିଛି ବୋଲି ଆଜିଯାଏ ମନେ ପକେଇବାକୁ ଚେଷ୍ଟା କରୁଛି, ହେଲେ ପାରୁନି। ଆଜିଯାଏ ଭାବୁଛି, ଏତେଥର ପୁରୀ ଆସିଲିଣି, ହେଲେ ସେଦିନଠାରୁ ତାଙ୍କୁ କେବେ ବି ଦେଖିନି। ମୋର ମନେହେଉଛି ଏସବୁ ସେଇ ଲୀଳାମୟଙ୍କ ଇଚ୍ଛା।

**ମହାବାହୁ ମତେ ବଞ୍ଚାଇଲେ –ଇଂ. ପ୍ରଶାନ୍ତ ଆଚାର୍ଯ୍ୟ,ମହାସଚିବ, ଗୋବର୍ଦ୍ଧନ ମଠ  ପୀଠ ପରିଷଦ, ପୁରୀ**

ସେ ଦିନ ଥିଲା ଏମିତି ଏକ ଅଘଟଣା। ୧୯୮୪ ମସିହା ଜୁଲାଇ ୧୩ ତାରିଖ, ଶୁକ୍ରବାର। ସେତେବେଳେ ମୁଁ ଥିଲି ବୁର୍ଲା ଇଞ୍ଜିନିୟରିଂ କଲେଜର ଦ୍ୱିତୀୟ ସେମିଷ୍ଟର ଛାତ୍ର। ସେହି କାଳରାତ୍ରରେ ମୋରି ସାମ୍‌ନାରେ ସାତଜଣ ସହପାଠୀ ସମେତ ମହାବିଦ୍ୟାଳୟର ତେରଜଣ ଛାତ୍ର ମୃତ୍ୟୁବରଣ କଲେ। ଏକ ସ୍ପର୍ଶକାତର ଘଟଣାକ୍ରମରେ। ସେଦିନ ସେ କାଳରାତ୍ରରେ ମୃତ୍ୟୁକୁ ମୁଁ ଖୁବ୍ ନିକଟରୁ ଦେଖିପାରିଥିଲି। ଭଡ଼ାଟିଆ ଗୁଣ୍ଡା ଓ ବ୍ୟବସାୟୀଙ୍କ ସହ ମିଶି ପୋଲିସ ଚଳାଇଥିଲା ସଂହାର ଲୀଳା। ଶେଷରେ ଡାକ୍ତରୀ ରିପୋର୍ଟ ଆସିଥିଲା– all have died before drown` ସେତେବେଳର ଜାତୀୟ ସମ୍ବାଦପତ୍ରରେ ଏହା ଥିଲା ସେଦିନର ପ୍ରମୁଖ ଘଟଣା। ଶେଷଆଡ଼କୁ ବୋଧେ ମରିବା ପାଇଁ ମୋର ପାଳି ପଡ଼ିଲା ! ହୁଏତ ମତେ ବି ମାରି ପାୱାର ଚାନେଲରେ ପକାଇ ଦେଇପାରନ୍ତି। କାରଣ ମୋ ସମ୍‌ନାରେ ଚାଲିଛି ସଂହାର ଲୀଳା। ଆଗକୁ ଯିବି ନା ପଛକୁ ଯିବା ଉଚିତ୍ ତାହା ମୁଁ ସ୍ଥିର କରିପାରୁ ନ ଥିଲି। ସେହି ରାତିର ତୃତୀୟ ପ୍ରହରରେ ଏ ପଲକହୀନ ନେତ୍ରେ ମହାପ୍ରଭୁ ଯଦି କୃପାଦୃଷ୍ଟି ରଖି ନ ଥାନ୍ତେ ତେବେ ସେଦିନର ମରଣ ତାଲିକାରେ ମୋ ନାମ ଗୁନ୍ଥି ହୋଇଯାଇଥାନ୍ତା। ମୋ ସାଙ୍ଗମାନଙ୍କର ମୋ ଆଗରେ ମୃତ୍ୟୁ ହେବାପରେ ମୁଁ ଏକୁଟିଆ। ଉପରେ ଆକାଶ, ତଳେ ମାଟି ଛଡ଼ା ଆଉ କିଛି ଦିଶୁ ନ ଥାଏ। ମନେମନେ ନିରାପଦ ଜାଗା ଖୋଜୁଥାଏ ନିଜକୁ ବଞ୍ଚାଇବା ପାଇଁ। ଆଠଫୁଟ ଉଚ୍ଚତାର ସିନେମାହଲ ପାଚେରି ଡେଇଁଯିବାର  ମସୁଧା କଲି। ବାରମ୍ବାର ଡେଇଁବାର ଚେଷ୍ଟାକରି ବିଫଳ ହେଉଥିଲି। ମରଣ ଖୁବ୍  ନିକଟତର  ହୋଇଆସୁଥିଲା। ଘାତକମାନଙ୍କ ହାତରେ ମାରଣାସ୍ତ୍ର ଥିଲା। କ୍ରମେ ସେମାନେ ପାଖେଇ ଆସୁଥିଲେ। ମନେପଡ଼ିଗଲେ ମହାବାହୁ, ହାତ ଟେକିଦେଲି। ଆଖିରୁ ଲୁହ ବୋହୁଥିଲା। ଦେଖିଲି ସାଢେ ୫ଫୁଟରୁ  ଅଧିକ ହେବ କଳା ମଚମଚ ଚେହେରା ସୁନ୍ଦର ସ୍ୱାସ୍ଥ୍ୟର ମଣିଷଟିଏ। ହାତରେ ଉଚ୍ଚା ଠେଙ୍ଗାଟେ ଧରି ମୋ ଆଡ଼କୁ ମାଡ଼ିଆସିଲେ। ସେତେବେଳେ ବିକଳ ହୋଇ ପାଚେରି ଡେଇଁବାର ଶେଷଚେଷ୍ଟା କରୁଥାଏ। ଲୋକଟା ସିଧା ଆସିଲା ମୋ ଅଣ୍ଟା ପାଖରେ ହାତ ଦେଇ ପାଚେରି ପାରି କରେଇଦେଲା ମତେ। ସେତେବେଳେ ଲୋକଟା ମତେ କ'ଣ କହିଲା।  ସେଦିନଠୁ ଯେତେ ମନେପକାଇଲେ ମଧ୍ୟ ଠିକ୍‌ସେ ମନେପଡୁନି। ଖାଲି ମନେପଡୁଛି ପଦେକଥା–ପାଠ ପଢିବାକୁ ଆସିଥିଲୁ ..ବଦ୍‌ମାସ ଲଡ୍‌କା। ମୋତେ ଲୋକଟା ଅଣଓଡ଼ିଆ ଭଳି ଲାଗିଲା। ଲୋକଟା ଚେକ୍ ଲୁଙ୍ଗି ପିନ୍ଧିଥିଲା। ଆରପାଖକୁ ଯାଇ ଲୁଚିବା ବ୍ୟବସ୍ଥା କଲି। କ୍ରମେ ରାତିର ବୟସ ବଢିଚାଲିଥାଏ। ବର୍ବର ସଂହାର ଲୀଳା ରଚାଉଥିବା ଘାତକମାନଙ୍କ ଆଖିରେ ମୁଁ ପଡ଼ିଲା ବେଳକୁ ସିନ୍ଦୁରା ଫାଟିଆସିଲାଣି। ପାଚେରିରେ ଥିବା ଜଳାବାଟେ ବାହାରକୁ ଦେଖିବା ପାଇଁ  ମନ ହେଲା। ଦେଖିବାକୁ ଚେଷ୍ଟା କରୁକରୁ ହଠାତ୍ କୋଉଠି ଥିଲେ ପଚିଶ/ତିରିଶ ଜଣ  ଲୋକ ମାରଣାସ୍ତ୍ର ଧରି ମତେ ଘେରିଗଲେ। ତା'ପରେ ଆକ୍ରମଣ କରିଚାଲିଲେ। ଥରଟେ ଦେଖିଲି ଦୁଇଜଣ ଲୋକ ମତେ ଖଣ୍ଡାରେ ହାଣୁଥାନ୍ତି । ଖଣ୍ଡା ଚୋଟ ବାଜିଲା ପରେ ଆଖିବୁଜି ହୋଇଗଲା। ସ୍ମରଣକୁ ଆସିଗଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥ। ମୋ ଅନ୍ତର ଭିତରୁ ବାହାରୁଥିବା ଚିତ୍କାର ମତେ ସ୍ପଷ୍ଟ ଶୁଣାଗଲା। ମହାପ୍ରଭୁ ରକ୍ଷାକର। ହଠାତ୍ କୋଉଠୁ କେଜାଣି ସେ ବ୍ରାହ୍ମମୁହୂର୍ତ୍ତରେ ପାଞ୍ଚ /ଛଜଣ ଗୋର୍ଖା ପୋଲିସ ମୋ ପାଖକୁ ଧାଇଁ ଆସିଲେ ରଡ଼ି କରି କରି। ଘାତକମାନେ ଦୌଡ଼ି ପଳାଇଲେ। ତା'ପରେ ଗଭୀର ଆଘାତ ଯୋଗୁ ମୋତେ ବୁର୍ଲା ଥାନା ଓ ପରେ ଡାକ୍ତରଖାନା ନିଆଗଲା। ବାରମ୍ବାର ଖଣ୍ଡା ଚୋଟ ବାଜିଥିବାରୁ ମୁଣ୍ଡ, ବେକ, ହାତ ଓ କାନ୍ଧରୁ ଭୀଷଣ ରକ୍ତସ୍ରାବ ହେଉଥାଏ। ମୁଁ ଅର୍ଦ୍ଧଚେତନ ଅବସ୍ଥାରେ ଥାଏ। ମୋତେ ନିଶ୍ଚେତକ ଦିଆ ନ ଯାଇ  ପ୍ରାୟ ତିରିଶଟି ଷ୍ଟିଚ୍ (ସିଲେଇ) ସାରା ଶରୀରରେ କରାଗଲା। ଏହିପରି ଭାବରେ ଡାକ୍ତରଖାନାରେ ୧୫ ଦିନ ଓ ଟିକେ ସୁସ୍ଥ ହେଲାପରେ  ସମ୍ବଲପୁର ଜେଲରେ ମୋତେ

→






ଅଶ୍ରୁମୋଚନ ମହାନ୍ତି



ଇଂ. ପ୍ରଶାନ୍ତ ଆଚାର୍ଯ୍ୟ



ବିନୋଦ ବିହାରୀ ବେହେରା



ଲଳିତ କୁମାର ସ୍ୱାଇଁ



ପ୍ରଫେସର ସୁନୀଲ ରଥ

୧୦ଦିନ ରହିବାକୁ ହେଲା। ତା'ପରେ ଅକ୍ଟୋବର ମାସରେ ଅବସ୍ଥା ସ୍ୱାଭାବିକ ହେଲାପରେ କଲେଜ ଖୋଲିଲା। ମୁଁ ପୁନର୍ବାର ବୁର୍ଲା ଫେରିଲି। ୧୯୮୬ ମସିହାରେ କଲେଜର ସଂପାଦକ ପଦବୀରେ ରହିଲି। ବୁର୍ଲାର ବହୁ ଅନ୍ତରଙ୍ଗ ଲୋକଙ୍କ ସହ ମିଶିଲି । ଉଦ୍ଦେଶ୍ୟ ଥାଏ ସେଇଦିନର ସେଇ ଲୁଙ୍ଗିପିନ୍ଧା ଲୋକ ଯିଏ ମତେ ପାଚେରି ଡେଇଁବାରେ ସାହାଯ୍ୟ କରିଥିଲେ ତାଙ୍କୁ ଖୋଜିବା। ମାତ୍ର ବର୍ଷ ବର୍ଷ ବିତିଗଲା ହେଲେ ସେ ଲୋକର କୌଣସି ସନ୍ଧାନ ପାଇଲି ନାହିଁ। ୨୦୦୪ ମସିହାରେ ମୁଁ ମୋର ବନ୍ଧୁ ଆକାଶ, ଅଧ୍ୟାପକ ଗୁରୁ ଶ୍ରୀଯୁକ୍ତ ଜୟକୃଷ୍ଣ ଦାଶ ଯାଇଥିଲୁ ପୁରୀ। ପୁରୀରେ ପହଞ୍ଚି ମନ୍ଦିରକୁ ଗଲୁ। ଜୟକୃଷ୍ଣ ସାର୍ ସବୁଥର ପରି ଏଥର ମଧ୍ୟ ଭିତରେକାଠ ପାଖରେ ଶ୍ରୀଜଗନ୍ନାଥଙ୍କ ସ୍ତୋତ୍ର ଆବୃତ୍ତି କରୁଥାନ୍ତି। ଆଖିରୁ ତାଙ୍କର ଲୁହଧାର ବୋହି ଯାଉଥାଏ। ମୁଁ କେବଳ ମହାପ୍ରଭୁଙ୍କୁ ଚାହୁଁଥାଏ। ହଠାତ୍ ସିନେମା ଦୃଶ୍ୟ ଭଳି ୧୯୮୪ ମସିହାର ସେଇ ଲୁଙ୍ଗିପିନ୍ଧା ଲୋକ ମହାପ୍ରଭୁଙ୍କ ଶରୀରରୁ ବାରମ୍ବାର ଓହ୍ଲେଇ ଆସୁଥିବାର ଦୃଶ୍ୟ ଦେଖିଲି। ମାନସିକ ଭ୍ରାନ୍ତି ଭାବି ବାରମ୍ବାର ଆଖିପୋଛି ଦେଖେ ତ ସେଇ ଏକାଦୃଶ୍ୟ। ବିଶ୍ୱାସଯୋଗ୍ୟ ନ ହେଲେ ବି ଅବିଶ୍ୱାସ ପାଇଁ ସେ ଦୃଶ୍ୟ ବାଟ ଛାଡ଼ି ନ ଥିଲା। ସେ ଦୃଶ୍ୟ ଦର୍ଶନରେ ହଠାତ୍ ଶରୀର ମୋର ଅବଶ ହୋଇଯାଇଥିଲା। ତା'ପରଠାରୁ ଆଜିଯାଏ ଯେତେଥର ମହାପ୍ରଭୁଙ୍କୁ ରତ୍ନ ସିଂହାସନରେ ଦେଖିଛି ସବୁଥର ଦେଖିସାରିବା ପରେ ମୋ ଶରୀର ଅବଶ ଓ ଦୁର୍ବଳ ହୋଇଯାଏ। କାହିଁକି କେଜାଣି ଦେହଟା ନିର୍ଜୀବ ହୋଇ ନିଜକୁ ଶୂନ୍ୟ ଲାଗେ। ପାଦ ପକାଇ ଚାଲିବା ମୋ ପାଇଁ କଷ୍ଟକର ହୁଏ। ୨୦୦୪ ମସିହା ପରେ ୨୦୧୪ ମସିହାରେ ମଧ୍ୟ ସମାନ ଅନୁଭୂତି ହେଲା। ୨୦୧୪ ମସିହାରେ ଏକ ବିଚାରାଧୀନ ମାମଲାରେ କାଗଜପତ୍ର ସହ ଜଣେ ଓକିଲଙ୍କ ପାଖକୁ କଟକ ଯାଇଥିଲି। କଟକରେ ପହଞ୍ଚି ଓକିଲ ମହୋଦୟଙ୍କ କାର୍ଯ୍ୟାଳୟର ଫାଟକ ଶିକୁଳି ଖୋଲିବା ସମୟରେ ଖୁବ୍ କଷ୍ଟ ଅନୁଭବ କରିଥିଲି। କାରଣ ମୋର ଦେହ ଖୁବ୍ ଅସୁସ୍ଥ ଥିଲା। ସେଦିନ ମହାପ୍ରଭୁଙ୍କୁ ସ୍ମରଣକରି ଅନ୍ତରାତ୍ମା ମୋର କାନ୍ଦି ଉଠିଥିଲା। ପାଟିରୁ ବାହାରିପଡ଼ିଲା କି କଷ୍ଟ ଦେଉଛ ହେ ମହାବାହୁ। ବାସ୍! ତା ପରେ ପୁଣି ସେଇ ପୂର୍ବୋକ୍ତ ଚେହେରାଟି ଆଖିସାମ୍ନାରେ ଉଦ୍‌ଭାସିତ ହୋଇ ଉଠିଲା। ଓକିଲଙ୍କୁ ଦେଖାକଲି। ମକଦ୍ଦମାରେ ଆମର ବିଜୟ ହୋଇଛି ଜାଣିଲି। ସତରେ ମହାବାହୁ ଏ ଅକିଞ୍ଚନକୁ ବୋଧେ ସେଦିନର ନିଶ୍ଚିତ ମରଣରୁ ବଞ୍ଚାଇ ରଖିଥିଲେ ଏଇ ଅନୁଭୂତି ଦେବା ପାଇଁ ମହାପ୍ରଭୁଙ୍କ କୃପାରୁ ମିଳିଥିଲା। ଏଇଠି ହାତଯୋଡ଼ି ଆପଣଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛି। ଜୟ ଜଗନ୍ନାଥ।

**ଏ ସବୁ ସେ କାଳିଆର କାମ**-:ପ୍ରଫେସର ସୁନୀଲ ରଥ, ନିର୍ଦ୍ଦେଶକ, ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପରିଷଦ

୨୦୧୨ ମସିହାର ଘଟଣା। ପୁଅ ପଢୁଥାଏ ବିକାଶ ଇଣ୍ଟରନ୍ୟାଶନାଲ, ବିଶାଖାପାଟଣାଠାରେ। ଦ୍ୱାଦଶ ଶ୍ରେଣୀ ଫାଇନାଲ ପରୀକ୍ଷାର ମାସକ ପୂର୍ବରୁ ସେ ଆସିଥାଏ ଜଗନ୍ନାଥଙ୍କ ଦର୍ଶନ କରିବ । ଆମେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ବାହାରିଲୁ ଚାରିଟା ବେଳେ। ବିଶାଖାପାଟଣା ପାଇଁ ଟ୍ରେନ ରାତି ୮.୫୦ ମିନିଟରେ। ହାତରେ ଖୁବ୍ କମ୍ ସମୟ ଥାଏ। ମନ୍ଦିରରୁ ଫେରି ବାହାରିବୁ ଷ୍ଟେଶନ। ଦୁର୍ଭାଗ୍ୟକୁ ମଧ୍ୟାହ୍ନ ଧୂପ ପରେ ପହଡ଼ ପଡ଼ିଥିଲା। ସାଆଣମେଲା ହେବା କଥା ସାଢେ ଚାରିଟାରୁ- ପାଞ୍ଚଟା ମଧ୍ୟରେ। କିନ୍ତୁ ସେଦିନର ନୀତିକୁ ନେଇ ଦୁଇ ଗୋଷ୍ଠୀ ସେବାୟତଙ୍କ ଗଣ୍ଡଗୋଳ ଯୋଗୁ କେତେବେଳେ ପହଡ଼ ଖୋଲିବ କେହି କହିପାରୁ ନ ଥିଲେ। ଅପେକ୍ଷା କରିକରି ଛଅଟା ବାଜିବା ଉପରେ। ପୁଅକୁ ଯେତେ ବୁଝାଇଲେ ମଧ୍ୟ ସେ ବୁଝିବାକୁ ନାରାଜ। ଜଗନ୍ନାଥଙ୍କୁ ଦର୍ଶନ ନ କଲେ ଯିବନି। ଅନେକ ବୁଝାବୁଝି କରି କହିଲି ଗରୁଡ଼ ଖମ୍ବ ପଛରେ ମୁଣ୍ଡିଆ ମାରି ବାହାରି ପଡ଼। ସେ ସବୁ ବୁଝିବେ। ତାହା ହିଁ ହେଲା। ଆମେ ମନ୍ଦିରରୁ ବାହାରି ଆସୁଛୁ, ବାଇଶି ପାହାଚ ପାଖରେ ପୁଅ କହିଲା, ବାବା ତମକୁ କିଏ ପଛରୁ ଡାକୁଛନ୍ତି। ବୁଲି ଦେଖିଲି ଜଗନ୍ନାଥଙ୍କ ପୂଜାପଣ୍ଡା ଗୋପାଳବାବୁ। ସେ କହିଲେ, କ'ଣ ରଥବାବୁ ନ ଦେଖି ଚାଲିଯାଉଛନ୍ତି। କହିଲି- ଭାଇ ଆପଣ ଖୋଦ୍ ଜଗନ୍ନାଥଙ୍କ ପୂଜାପଣ୍ଡା। ଆପଣଙ୍କ କଥା ନ ଶୁଣି ଚାଲିଯିବାର ଶକ୍ତି କାହାର ଅଛି। ତା' ପରେ ପୁଅ କଥା କହିଲି। ସେ କହିଲେ, ଏଇ କଥା- ଆମ ପୁଅ ଜଗନ୍ନାଥଙ୍କୁ ଅଲବତ ଦର୍ଶନ କରିବ। ଆପଣ ମୁଦୁଲି ଦ୍ୱାର ପାଖରେ ଥା'ନ୍ତୁ। ମୁଁ ଦି ମିନିଟ୍‌ରେ ପୂଜାପଣ୍ଡା ନିଯୋଗଙ୍କ ପାଖରୁ ଆସି ପୁଅକୁ ନେଇଯିବି। ବାପପୁଅ ଫେରି ମୁଦୁଲି ଦ୍ୱାର ପାଖରେ ପହଞ୍ଚିବା କ୍ଷଣି ଗର୍ଭଗୃହ ଭିତରୁ ଜଣେ ପୂଜାପଣ୍ଡା ବାହାରି ଆସୁଥାନ୍ତି। ହସିହସି କହିଲେ କାଲି ଆପଣ ବୁଝାଉଥିବା ଯାତ୍ରୀ ପରିଚର୍ଯ୍ୟା କ୍ଲାସ୍ ବଢିଆ ହେଲା। ହେଲେ ଏଠି କ'ଣ କରୁଛନ୍ତି। ମୁଁ ତାଙ୍କୁ ଚିହ୍ନି ନ ପାରିଲେ ମଧ୍ୟ ଭାବିଲି ଯେହେତୁ ମୁଁ ମନ୍ଦିର କମିଟିରେ ଅଛି। ମୋତେ ସେ ଚିହ୍ନିଥିବେ। ତାଙ୍କୁ ଗୋପାଳ ପୂଜାପଣ୍ଡାଙ୍କ କଥା କହିଲି। ସେଠୁ ସେ ଏତେବଡ଼ ପାଟିଟେ କରି କହିଲେ -ହ..ଅ ଗୋପାଳ ନେଇ ଦେଖେଇଦେବ ଆମେ ପାରିବୁନି। ଏତିକି କହି ପୁଅର ହାତକୁ ଟାଣି ଭିତରକୁ ଚାଲିଗଲେ। ସେଠି ଥିବା ପୋଲିସ କିଛି କହିବାକୁ ବାହାରିଲାବେଳକୁ ସେ ତାକୁ ପେଲି ଦେଇ କହିଲେ ଘୁଞ୍ଚ ଆମ ମୁକ୍ତିମଣ୍ଡପ ଟୋକା। ମୁଁ ବାହାରେ ଅପେକ୍ଷା କରିଥାଏ। ଦଶ ମିନିଟ ପରେ ପୁଅକୁ ତିନିଠାକୁରଙ୍କ ସିଂହାସନରେ ମୁଣ୍ଡିଆ ମରାଇ ତୁଳସୀ ଦେଇ ଛାଡ଼ି ଦେଇଥିଲେ। କାଳେ ଗୋପାଳ ପୂଜାପଣ୍ଡା ଆମକୁ ଖୋଜିବ। ସେଥିପାଇଁ ନିଯୋଗରେ ଯାଇ ବୁଝିଲି ହେଲେ ତାଙ୍କର ପାଳି ସେଦିନ ନାହିଁ। ତେଣୁ ସେ ଆସିନାହାନ୍ତି। ମାତ୍ର ଏତେ ବିଷୟ ଚିନ୍ତା କରିବାର ସେଦିନ ସମୟ ନ ଥିଲା। ମନ୍ଦିରରୁ ବାହାରି ଘରୁ ଜିନିଷପତ୍ର ନେଇ ଷ୍ଟେଶନ ଗଲୁ। ଦୁଇଦିନ ପରେ ମୁଁ ଫେରି ଗୋପାଳ ପୂଜାପଣ୍ଡାଙ୍କୁ ଏ ଘଟଣା ପଚାରିଲା ବେଳେ ସେ ମନା କରିଥିଲେ ଦେଉଳ ଆସିଥିବା କଥା। ଜାଣିଲି ଏସବୁ ସେ କାଳିଆର କାମ।

**ମହାପ୍ରଭୁ ଡାକିଲେ ଶୁଣନ୍ତି-ବିନୋଦ ବିହାରୀ ବେହେରା, କଣ୍ଠଶିଳ୍ପୀ**

ଆଜକୁ ଚଉଦ ବର୍ଷ ତଳର କଥା। ନୂଆ ନୂଆ ଭୁବନେଶ୍ୱର ଆସିଥାଏ କଳାକାରଟିଏ ହେଇ ବଞ୍ଚିବାର ଅସୁମାରୀ ସପ୍ନ ମନରେ ନେଇ। ଏଠାରେ ବେଶି ଲୋକଙ୍କ ସହ ପରିଚୟ ନ ଥାଏ, ହଠାତ୍ ଦିନେ କିଛି ଟଙ୍କାର ଅତି ଆବଶ୍ୟକ ପଡ଼ିଲା। ଆବଶ୍ୟକ ପଡୁଥିବା ଟଙ୍କା ଯୋଗାଡ଼ କରିବା ମୋ ପକ୍ଷେ ସମ୍ଭବ ନ ଥିଲା। କାହାକୁ ମାଗିବି କିଏ ଦବ। ଏମିତି ଭାବି ଭାବି ମହାପ୍ରଭୁଙ୍କୁ ଦୁଃଖ ଜଣାଉଥାଏ। ସେଦିନ ସଞ୍ଜରେ ଗୋଟେ ମଞ୍ଚରେ ଯୋଗଦେବାର ଥାଏ। ମଞ୍ଚକୁ ଯାଇ କାଳିଆ ଠାକୁରଙ୍କୁ ପ୍ରଣାମ ଜଣାଇ କାର୍ଯ୍ୟକ୍ରମ ଆରମ୍ଭ କଲି। କିଛି ସମୟ ପରେ କାର୍ଯ୍ୟକ୍ରମ ଦେଖୁଥିବା ଜଣେ ବ୍ୟକ୍ତି ମତେ ତଳକୁ ଡାକିଲେ ଆଉ କହିଲେ ଆମର ଗୋଟେ ଘରୋଇ କାର୍ଯ୍ୟକ୍ରମ ହେବ। ତୁମେ କରିପାରିବ? ମୁଁ କହିଲି ହଁ, ଆଜ୍ଞା କରିପାରିବି। ତା'ପରେ ସେ କହିଲେ କେତେ ଟଙ୍କା ଲାଗିବ? ମୋର ସେଦିନ ଯେତିକି ଟଙ୍କା ଦରକାର ଥିଲା, ମୋ ପାଟିରୁ ସେତିକି ବାହାରି ପଡ଼ିଲା। ଆଉ ସେ ଲୋକ ଜଣକ ତତ୍‌କ୍ଷଣାତ୍ ତାଙ୍କ ପକେଟରୁ ଆବଶ୍ୟକ ଟଙ୍କା ବାହାରକରି ମୋ ହାତରେ ଧରେଇ କହିଲେ କାର୍ଯ୍ୟକ୍ରମ ଦିନ ଦେଖାହେବା। ଧାର୍ଯ୍ୟଦିନ କାର୍ଯ୍ୟକ୍ରମ ହେଲା। କିନ୍ତୁ ସେଦିନ ଅର୍ଥ ପାଇଁ ମୋ ମନରେ ଯୋଉ ଚିନ୍ତା ଥିଲା ତାହା ଦୂର ହେଇଯାଇଥିଲା। ମତେ ଲାଗୁଛି ମହାପ୍ରଭୁ ମୋ ପାଇଁ ଗୋଟେ ବ୍ୟବସ୍ଥା କରିଥିଲେ। ସେଦିନର କଥାକୁ ଭାବିଲେ ଆଜି ମତେ ଲାଗେ ମହାପ୍ରଭୁ ସତରେ ଡାକ ଶୁଣନ୍ତି ।

**ସବୁ ତାଙ୍କରି କୃପା: ଅଶ୍ରୁମୋଚନ ମହାନ୍ତି, ଅଭିନେତା**

ପ୍ରାୟ ୧୯୭୫/୭୬ ମସିହାର କଥା- ସେତେବେଳେ ଆନନ୍ଦପୁର କଲେଜରୁ ଆଇଏସ୍‌ସି ସାରି ଭୁବନେଶ୍ୱର ଆସିଥାଏ ଏୟାରଫୋର୍ସରେ ଇଣ୍ଟର ଭ୍ୟୁ ଦେବାକୁ। ସେଦିନ ମୋର ଜଣେ ସାଙ୍ଗ ପୂର୍ଣ୍ଣେନ୍ଦୁଙ୍କ ସହ ଦେଖା ହେବାରୁ ସେ ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ପଢିବା ପାଇଁ କହିଥିଲା। ଏୟାରଫୋର୍ସ ଇଣ୍ଟରଭ୍ୟୁ ଆଉ କ'ଣ ଦେବି ସାଇକେଲ ଧରି ଚାଲିଲି ସଂଗୀତ ମହାବିଦ୍ୟାଳୟ ଆଡ଼େ। କିପରି ଭଲ କଳାକାରଟିଏ ହେବି ଅନେକ କିଛି ଭାବିଲି। ସେଦିନ ସଂଗୀତ ମହାବିଦ୍ୟାଳୟରେ ନାମଲେଖା ନିମନ୍ତେ ଏକ ପରୀକ୍ଷା ସରିବା ସମୟ ହୋଇଥାଏ। ବିଜୟ ମହାନ୍ତି, ଅଜିତ୍ ଦାସ, ଶରତ ପୂଜାରୀ, ମିନତି ମିଶ୍ର ପ୍ରମୁଖ ସମସ୍ତ ଅତିଥିମାନେ କାର୍ଯ୍ୟସାରି ସେମାନଙ୍କ ଆସନରୁ ଉଠିଆସୁଥାନ୍ତି। ମୁଁ ସଂଗୀତ ମହାବିଦ୍ୟାଳୟ ଭିତରକୁ ପ୍ରବେଶ କରିବା ମାତ୍ରେ ନୋଟିସ୍ ବୋର୍ଡ ଉପରେ ଥିବା ଜଗନ୍ନାଥଙ୍କ ଫଟୋ ଉପରେ ମୋର ନଜର ପଡ଼ିଗଲା। ସେଠାରେ ଅଟକିଗଲି ଆଉ କାଳିଆ ଠାକୁରଙ୍କୁ ଅଭିଳାଷ ପୂରଣ ପାଇଁ ଅଳି ଜଣାଇଲି। ମହାପ୍ରଭୁ ଜଗନ୍ନାଥଙ୍କୁ ମନେମନେ କହୁଥାଏ ମୁଁ କ'ଣ ସେ କଳାରୁ ଟିକେ ଆଶୀର୍ବାଦ ପାଇପାରିବିନି। ଏତିକି ମନେମନେ କହୁଥାଏ। ହଠାତ୍ ଜଣେ ପିଅନ ଆସି କହିଲା ଶୀଘ୍ର ଶୀଘ୍ର ଆସ । ତା' ପରେ ସବୁ ଠିକ୍‌ଠାକ୍ ହୋଇଗଲା। ଅନୁଭବ କଲି ତାକୁ ଯିଏ ଯେଉଁଠି ଯେମିତି ଡାକେ, ସେ ସେମିତି ଭାବରେ ଆସନ୍ତି। କାଳିଆର କୃପା ମିଳିଲା। ଏଯାଏ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଭଜନରେ ଅଭିନୟ କରିସାରିଲାଣି। ସବୁ ତାଙ୍କରି କୃପା।

ସତରେ ସେ ଏମିତି ଦିଅଁ, ଯାହାଙ୍କୁ ହୃଦୟରୁ ଡାକିଲେ ସେ ଡାକ ଶୁଣନ୍ତି। ଆପଣାର ମଣିଷ ଭଳି ପାଖେ ପାଖେ ରହି ଦୁଃଖ ଦୁର୍ଦ୍ଦିନ ସମୟରେ କୌଣସି ନା କୌଣସି ମାଧ୍ୟମରେ ପାଖରେ ଛିଡାହୁଅନ୍ତି।

-ବନବିହାରୀ ବେହେରା।



# ମହାପ୍ରଭୁ ମୋ ପ୍ରଥମ ପ୍ରେମ



**କପାଳରେ ଲାଲ୍ ସିନ୍ଦୂର ଟୋପା, ଆଖିରେ କଜଳର ଧାର, ମୁଣ୍ଡର ଖୋସାରେ ଶୋଭାପାଏ ପୁଷ୍ପରେ ସଜ୍ଜିତ ତ୍ରିଖଣ୍ଡି ଟାହିଆ। ସୁନାରୁପାର ନାନାଦି ଆଭୂଷଣରେ ସଜେଇ ହୋଇ ସେ ନୃତ୍ୟ କରନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ। ତାଙ୍କର ପ୍ରତିଟି ଠାଣି ଓ ଅଙ୍ଗଭଙ୍ଗୀରେ ଥାଏ ମହାପ୍ରଭୁଙ୍କ ପ୍ରତି ସମର୍ପଣର ଭାବ। ସେ ହେଉଛନ୍ତି ମାହାରୀ ନୃତ୍ୟଶିଳ୍ପୀ – ରୂପଶ୍ରୀ ମହାପାତ୍ର ମହାପ୍ରଭୁଙ୍କ ଏହି ପରମ ସେବିକାଙ୍କ ସମ୍ପର୍କରେ...**

**ଯନ୍ତ୍ରଣାଭରା ସେଇ ପିଲାଦିନ:** ଘର ପୁରୀ ଦୋଳମଣ୍ଡପ ସାହିରେ। ନନା ପଣ୍ଡିତ ହରିହର ମହାପାତ୍ର ଶ୍ରୀମନ୍ଦିରର ସେବକ ଥିଲେ। ଆମେ ୭ ଭଉଣୀ ଓ ଜଣେ ଭାଇ। ଭଉଣୀ ଭିତରେ ମୁଁ ମଝିଆ। ଜନ୍ମରୁ ମୁଁ ବେଶ୍ ଗୁଲୁଗୁଲିଆ ଓ ସୁନ୍ଦର ଥିଲି। ହେଲେ ୬ ମାସର ହୋଇଥିବାବେଳେ ମୋ ବାମ ଜଙ୍ଘରେ ପ୍ରଥମେ ଗୋଟେ ଫୋଟକା ହେଲା। ପରେ ସେହିଭଳି ଆଉ ପାଞ୍ଚୋଟି ଫୋଟକା ହେଲା। ସେଗୁଡ଼ିକ ପାଚି ଫାଟିଗଲା। ଯେତେ ଔଷଧ ଲଗାଇଲେ କି ଖାଇଲେ ଭଲ ହେଲାନି। ଶେଷରେ ପୁରା ଜଙ୍ଘର ମାଂସ ଶଡ଼ିଗଲା। ଏମିତିକି ଥରେ ଜଣେ ଡାକ୍ତର ଟେଷ୍ଟ କଲାବେଳେ ଏକ ସରୁ ରଡ଼୍‌କୁ ଜଙ୍ଘରେ ଯେତେବେଳେ ପୂରାଇଲେ ତାହା ଉପରପଟୁ ପଶି ତଳପଟେ ବାହାରିଗଲା। ଓଡ଼ିଶାର ସବୁ ବଡ଼ ଡାକ୍ତରଙ୍କ ସହ ରାଜ୍ୟ ବାହାରର ଡାକ୍ତରଙ୍କୁ ବି ନନା ଦେଖେଇଲେ। ହେଲେ ସବୁ ଡାକ୍ତର କହିଲେ–ଝିଅର ଗୋଡ଼ କଟାଯିବ। ନ ହେଲେ ସେ ବଞ୍ଚିବନି। ଶେଷରେ ସବୁଆଡୁ ନିରାଶ ହେବାପରେ ମହାପ୍ରଭୁ ଜଗନ୍ନାଥ ଓ ମହାଦେବଙ୍କ ଉପରେ ସବୁକିଛି ଛାଡ଼ିଦେଲେ ଘର ଲୋକେ।

**ପ୍ରଭୁଙ୍କ ମହିମାରେ ଭଲ ହେଲା ଶଡ଼ିଯାଇଥିବା ଜଙ୍ଘ:** ଦିନେ ମୋ ଜେଜେମା' ଚନ୍ଦ୍ରମଣି ଦେବୀ ମନ ଦୁଃଖ କରି ଦାଣ୍ଡଦୁଆରେ ବସିଥାଏ। ଜଣେ ସାଧୁବାବା ଆସି ପଚାରିଲେ କାହିଁକି ମନ ଦୁଃଖ କରି ବସିଛୁ? ମା' ମୋ କଥା କହିଲା। ସେ ସାଧୁବାବା କହିଲେ ଚିନ୍ତା କରନା। ମୁଁ ତାକୁ ଭଲ କରିଦେବି। ଜେଜେମା' କହିଲା–ସତରେ ଯଦି ଭଲ କରିଦେବେ, ଆପଣ ଯାହା କହିବେ ତାହା ମୁଁ ଦେବି। ସେ ସାଧୁବାବା ଲାଲ ରଙ୍ଗର କାଠଖଣ୍ଡେ ଦେଲେ। କହିଲେ ଏଇ କାଠକୁ ଘୋରି ଘା' ସ୍ଥାନରେ ଲଗେଇବୁ ତା' ସହ କିଛି ଘୋରାକାଠକୁ ପାଣିରେ ମିଶାଇ ପିଆଇବୁ। ସାତଦିନ ପରେ ମୁଁ ପୁଣି ଆସିବି। ବାବାଙ୍କ କହିବାନୁସାରେ ଜେଜେମା' ସେହି କାଠ ଘୋରି ମୋ ଘା' ସ୍ଥାନରେ ଲଗାଇବା ସହ ପିଇବାକୁ ଦେଉଥିଲା। ସତକୁ ସତ ମୋ ଘା' ଭଲ ହେବାକୁ ଲାଗିଲା। ମୁଁ ଧୀରେ ଧୀରେ ଠିଆହେଇ ଚାଲିବାକୁ ବି ଲାଗିଲି। ସାତଦିନ ପରେ ବାବା ପୁଣି ଆସିଲେ। ମା' ଖୁସି ହୋଇ ସବୁ ଜଣାଇଲା। ଆଉ ପଚାରିଲା ବାବା ମୁଁ ଆପଣଙ୍କୁ କ'ଣ ଦେଇପାରିବି? ସେ କହିଲେ ତୋ ପୁଅର ପୁରୁଣା ଧୋତି, ପଞ୍ଜାବି ଓ ୫୧ଟଙ୍କା ଦେ'। ମା' ସେସବୁ ସହ ପରିବାପତ୍ର ଦେଲା। ଆଉ ସେ ଚାଲିଗଲେ। ତା'ପରଠୁ ସେ ବାବାଙ୍କୁ ଆମେ ଆଉ କେହି ଦେଖିନୁ। ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲି। ଯୋଉ ଗୋଡ଼କୁ କଟା ନ ଗଲେ ମୁଁ ବଞ୍ଚିବିନି ବୋଲି ଡାକ୍ତର କହୁଥିଲେ ସେଇ ଗୋଡ଼ରେ ଚାଲିଲି, ଦୌଡ଼ିଲି। କେବଳ ସେତିକି ନୁହେଁ ମୋ ପାଦ ଖାଲି ଅଥୟ ହେଲା ନାଚିବାକୁ। ବୋଧହୁଏ ମହାପ୍ରଭୁ ମତେ ଗୋଡ଼ଟିକୁ ଉପହାରସ୍ୱରୂପ ଦେଇଥିଲେ ତାଙ୍କରି ପାଇଁ ନାଚିବା ଲାଗି। ସେଥିପାଇଁ ମାତ୍ର ୪ ବର୍ଷ ବୟସରେ ଖଡ଼ି ଧରିବା ଆଗରୁ ମୁଁ ନାଚ ଶିଖିଲି।

**ମା' ଶଶିମଣି ଦେବୀ ପ୍ରଥମ ଗୁରୁ:** ଆମ ଘର ପାଖରେ ରହୁଥିଲେ ଶଶିମଣି ଦେବଦାସୀ। ତାଙ୍କ ନାଚ ଓ ଗୀତ ମତେ ଭାରି ଭଲ ଲାଗୁଥିଲା। ତାଙ୍କ ପାଖକୁ ମୁଁ ସବୁବେଳେ ଯାଉଥିଲି। ସେ ବି ମତେ ଏତେ ଭଲ ପାଉଥିଲେ ଯେ ମତେ ଝିଅ କରିନେଲେ। ଆଉ ସେ ହିଁ ମତେ ମାହାରୀ ନୃତ୍ୟ ଶିଖାଇଲେ। ମାହାରୀ ନୃତ୍ୟ ସହ ମୁଁ ଓଡ଼ିଶୀ ବି ଶିଖିଲି। ପରେ ହରପ୍ରିୟା ଦେବଦାସୀ, ପୌରୁଷମଣି ଦେବଦାସୀ, କୋକିଳପ୍ରଭା ଦେବଦାସୀ ଓ ଗୁରୁ ପଙ୍କଜ ଚରଣ ଦାସ ମତେ ମାହାରୀ ନୃତ୍ୟ ଶିକ୍ଷା ଦେଲେ। ଆଉ ୧୧ ବର୍ଷ ବୟସରୁ ମୁଁ ଅନ୍ୟଙ୍କୁ ନୃତ୍ୟଶିକ୍ଷା ଦେବା ବି ଆରମ୍ଭ କରିଦେଲି।

**ହେଇପାରିଲିନି ଦେବଦାସୀ:** ୧୩–୧୪ ବର୍ଷ ବୟସର ହୋଇଥାଏ। ମା' ଶଶିମଣି ଦେବୀ ମତେ ଦେବଦାସୀ କରିବା ଲାଗି ଥରେ ଗଜପତି ମହାରାଜାଙ୍କ ପାଖକୁ ନେଇଥିଲେ। ହେଲେ ସେତେବେଳକୁ ଦେବଦାସୀ ପ୍ରଥା ବନ୍ଦ ହେଇଯାଇଥିବାରୁ ମହାରାଜା ମନା କରିଦେଲେ। ପ୍ରଭୁଙ୍କୁ ମୁଁ ବହୁତ ଭଲ ପାଉଥିଲି। ଏମିତିକି ଜୀବନରେ ତାଙ୍କ ଛଡ଼ା ଆଉ କାହାକୁ ବାହା ହେବିନି ବୋଲି ଭାବିନେଇଥିଲି। ସେଥିପାଇଁ ମୋ ମନ ଭାରି କଷ୍ଟ ହେଇଥିଲା।

**ପ୍ରଭୁଙ୍କ ପାଇଁ ପ୍ରଥମ ନୃତ୍ୟ:** ଦେବଦାସୀ ସିନା ହେଇପାରିଲିନି। ହେଲେ ମହାପ୍ରଭୁଙ୍କ ସମ୍ମୁଖରେ ତାଙ୍କ ପାଇଁ ନୃତ୍ୟ କରିବାର ସୁଯୋଗ ପାଇଲି। ଥରେ ଗୁରୁବାର ମାଣବସା ଦିନ ମୁଁ ମା' ଶଶିମଣି ଦେବୀ ଓ ଗୁରୁ ପଙ୍କଜଚରଣଙ୍କ ସହ ଶ୍ରୀମନ୍ଦିର ଯାଇଥିଲି। ସେଦିନ ମା' ଗୀତ ଗାଇଥିଲେ। ଆଉ ମୁଁ ପ୍ରଥମଥର ପାଇଁ ମହାପ୍ରଭୁଙ୍କ ସାମ୍ନାରେ ମାହାରୀ ନୃତ୍ୟ ପରିବେଷଣ କରିଥିଲି। ସେ ଦିବ୍ୟ ଅନୁଭବକୁ ମୁଁ କେବେ ବି ଭୁଲି ପାରିବି ନାହିଁ।



**ମାହାରୀ ନୃତ୍ୟର ପ୍ରଚାର ପ୍ରସାରର ସଂକଳ୍ପ:** ୧୯୯୬ ମସିହାରେ ଗୁରୁ ପଙ୍କଜ ଚରଣ ଦାସ ମତେ ମାହାରୀ ସମ୍ମାନରେ ସମ୍ମାନିତ କଲେ। ଆଉ କହିଲେ, 'ଓଡ଼ିଶୀ ନୃତ୍ୟ ତ ସମସ୍ତେ ଶିଖୁଛନ୍ତି, ହେଲେ ମାହାରୀ ନୃତ୍ୟ ବହୁତ କମ୍ ଶିଖୁଛନ୍ତି। ଓଡ଼ିଶାର ଏହି ପରମ୍ପରା ଓ କଳା ଯେମିତି ଲୋପ ପାଇ ନ ଯାଏ, ତା'ର ଦାୟିତ୍ୱ ତୁ ନେବୁ।' ସେବେଠାରୁ ମୁଁ ଏହି କଳାକୁ ବଜାୟ ରଖିବାକୁ ପ୍ରୟାସ ଆରମ୍ଭ କଲି।

**ପ୍ରଭୁଙ୍କ କୃପାରୁ ମିଳିଲା ନୃତ୍ୟକୁ ଭଲ ପାଉଥିବା ଶାଶୁଘର:** ନାଚ କରୁଥିବାରୁ ମୋର ବାହାଘର ହେଇପାରୁ ନ ଥିଲା। ଲୋକେ ମୋ ପାଇଁ ନନାଙ୍କୁ ବହୁତ ତାଚ୍ଛଲ୍ୟ କରୁଥିଲେ। କହୁଥିଲେ ଝିଅକୁ ନଚେଇ ପଇସା ରୋଜଗାର କରି ଖାଉଛି। ହେଲେ ନନା ସେସବୁକୁ ଖାତିର କରୁ ନ ଥିଲେ। କିନ୍ତୁ ମତେ ନନାଙ୍କ ପାଇଁ ଭାରି କଷ୍ଟ ଲାଗୁଥିଲା। ସବୁ କଷ୍ଟ ସହି ମୁଁ ମାହାରୀ ନୃତ୍ୟର ସତ୍ତା ବଞ୍ଚାଇବା ଲାଗି ସାରା ପୃଥିବୀରେ ନୃତ୍ୟ ପରିବେଷଣ କରିବାରେ ବ୍ୟସ୍ତ ରହୁଥିଲି। ତା'ସହ ମୁଁ ମୋ ଅନୁଷ୍ଠାନରେ ପ୍ରାୟ ସମସ୍ତଙ୍କୁ ମୁଁ ମାଗଣାରେ ଶିକ୍ଷା ଦେବାକୁ ଲାଗିଲି। ବୋଧହୁଏ କାଳିଆ ଠାକୁରଙ୍କର ଇଚ୍ଛାଥିଲା ମୁଁ ବାହା ହୁଏ। ତେଣୁ ହେରାଗୌରୀ ସାହିରୁ ଏମିତି ଏକ ପ୍ରସ୍ତାବ ସେ ଜୁଟାଇଲେ, ଯୋଉ ଘରେ ସ୍ୱାମୀ ଦେବାଶୀଷ ଦାସଗୁପ୍ତାଙ୍କ ସମେତ ଅନ୍ୟ ସମସ୍ତେ ମୋ ନୃତ୍ୟକୁ ସମ୍ମାନ ଦେଉଥିଲେ। ମୋ ଶାଶୁ ଶ୍ୱଶୁର ତ ମତେ ଓ ମୋ ନୃତ୍ୟକୁ ଏତେ ଭଲପାଉଥିଲେ ଯେ, କେହି ଯଦି ମତେ କିଛି କହୁଥିଲା ତାକୁ ସେମାନେ ଭଲକି ଦୁଇପଦ ଶୁଣାଇ ଦେଉଥିଲେ। ସେମାନେ ମୋ ପାଇଁ ସୁରକ୍ଷା କବଚ ସାଜିଲେ। ଆଉ ମୁଁ ସୁରୁଖୁରୁରେ ଆଗେଇ ଚାଲିଲି।

**ଅମୂଲ୍ୟ ଉପହାର:** ଯେବେ ମା' ଶଶିମଣି ଦେବୀଙ୍କ ମୃତ୍ୟୁ ହେଲା ମତେ ବହୁତ କଷ୍ଟ ହେଇଥିଲା। ମୁଁ ତାଙ୍କୁ ମୁଖାଗ୍ନି ଦେଇଥିଲି। ସବୁ କର୍ମ ବି କରିଥିଲି। ପରେ ମା' ଯାହାଙ୍କୁ ପୁଅ କରିଥିଲେ ତାଙ୍କ ସ୍ତ୍ରୀ ମତେ ମା'ଙ୍କର ଏକ ଦସ୍ତାର ଟ୍ରଙ୍କ୍ ଦେଇ କହିଲେ– ମା' ତମକୁ ଏ ବାକ୍ସ ଦେବାକୁ କହିଥିଲେ। ବାକ୍ସକୁ ଖୋଲି ଦେଖିଲି ସେଥିରେ ମା' ବ୍ୟବହାର କରୁଥିବା ୩ଟି ପାଟ ଶାଢ଼ି, ପାଉଁଜି, ଗୋଡ଼ ମୁଦି, କଜ୍ଜଳ, ସିନ୍ଦୂର ଥିଲା। ମା'ଙ୍କର ସେଇ ଉପହାର ମୋ ପାଇଁ ଜୀବନର ସବୁଠୁ ମୂଲ୍ୟବାନ୍ ଉପହାର।

**ଅବସୋସ:** ବିଦେଶରେ ଏହି ନୃତ୍ୟର ବହୁତ ଚାହିଦା ଅଛି। ହେଲେ ଦୁଃଖର କଥା, ଓଡ଼ିଶାରେ ସେତେଟା ନାହିଁ। ଆମକୁ ଏଠି ବହୁତ କମ୍ ପ୍ରୋଗ୍ରାମ ମିଳୁଛି। ତେବେ ବି ମୁଁ ମହାପ୍ରଭୁଙ୍କ ପାଇଁ ଶେଷ ନିଶ୍ୱାସ ତ୍ୟାଗ ଥିବା ଯାଏ ନାଚୁଥିବି। ଆଉ ଏହି କଳାକୁ ବଞ୍ଚାଇ ରଖିବାର ଉଦ୍ୟମ କରି ଚାଲିବି। ଏହି କାମରେ ଏବେ ମୋ ଝିଅ ବି ସାମିଲ ହେଇଛି। ତେଣୁ ବହୁତ ଖୁସି ଲାଗୁଛି।


–ଶିବାନୀ ମହାନ୍ତି



ମା'ଶଶିମଣିଙ୍କ ସହ ରୂପଶ୍ରୀ

# ନାଟକ ଦେଇଛି ପରିଚୟ










**ସେ** ଏକାଧାରରେ ଜଣେ ଶିକ୍ଷାବିତ୍, କବି, ଅଭିନେତା, ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ। ଦୀର୍ଘ ୪ଦଶନ୍ଧିଧରି ତାଙ୍କ ଲେଖନୀମୁନରେ ସୃଷ୍ଟି କରିଛନ୍ତି ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ନାଟକ। ଯାତ୍ରା ନାଟକରେ ଅଭିନୟ କରିବାଠାରୁ ଆରମ୍ଭକରି ନିର୍ଦ୍ଦେଶନା ଦେବା ଓ ନାଟକ ରଚନା କରିବାରେ ତାଙ୍କର ରହିଛି ଭିନ୍ନ ପରିଚୟ। ଯେଉଁଥିପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ **ଗୋପବନ୍ଧୁ ଶତ୍ରୁଶଲ୍ୟ**। ଜନ୍ମ ୭।୧୦।୧୯୪୮ମସିହାରେ। ମାତା ମାଗୀ ଦେଈ, ପିତା ଅନନ୍ତ ଚରଣ ଶତ୍ରୁଶଲ୍ୟ। ଘର ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକ ଅନ୍ତର୍ଗତ ଆଙ୍କୁଲାଚଟି ଗ୍ରାମପଞ୍ଚାୟତର ରାହାଣବେଲି ଗାଁରେ। ସେ କୁହନ୍ତି, '' ଆମ ଗାଁର ପୂର୍ବ ପଟକୁଥିଲା ଛୋଟ ମୁଣ୍ଡିଆ, ଚିଲିକା। ଏଠାକୁ ସକାଳ ଓ ସନ୍ଧ୍ୟାରେ ନିଇତି ଆସେ। ଚିଲିକା ଓ ସୋଲରୀ ଭାଲେରୀ ପାହାଡର ରୂପବର୍ଣ୍ଣାଳୀ ମୋତେ ଯେତିକି ଆକର୍ଷିତ କରେ ଲେଖାଲେଖି ପାଇଁ ବି ସେତିକି ପ୍ରେରଣା ଦିଏ। ଏହି ପରିବେଶରେ ବସି ମୁଁ ସେତେବେଳେ ଏଣୁତେଣୁ କିଛି ଲେଖି ପକାଉଥିଲି। ପୁଣି ଆମ ଗାଁଠାରୁ ଅଳ୍ପଦୂର ହେବ ଖଣ୍ଟୁଆଳକୋଟ ଓ ଲମ୍ବୋଦରପୁର। ସେଠାରେ ହେଉଥିବା ଅନ୍ନପୂର୍ଣ୍ଣା ଥିଏଟର ଓ ତା'ର କଳାକାରଙ୍କୁ ଦେଖି ମୋ ମନ ଭିତରେ ନାଟକ ପ୍ରତି ବି ଆକର୍ଷଣ ଆସିଥିଲା। ମୋ ବଡ଼ବାପା ମାର୍କେଣ୍ଡେୟ ଶତ୍ରୁଶଲ୍ୟ ଗାଁରେ ଏକ ଭାରତଲୀଳା ଦଳ ଗଠନ କରିଥିଲେ। ସେତେବେଳେ ସେ ରେଙ୍ଗୁନରେ ଭାରତଲୀଳା ପରିବେଷଣ କରୁଥିଲେ। ପ୍ରତିବର୍ଷ ଗର୍ଭଣା ସଂକ୍ରାନ୍ତିକୁ ରାହୋଣବେଲିରେ ମଞ୍ଚନାଟକ ହେଉଥିଲା। ଏସବୁ କିଛିର ମୋ ଉପରେ ପ୍ରଭାବ ପଡିବା ସହ ମୁଁ ଏସବୁରୁ ପ୍ରେରଣା ପାଉଥିଲି। ଲେଖାଲେଖି ଓ ନାଟକର ଆକର୍ଷଣ କିନ୍ତୁ ମୋତେ ପାଠପଢାରୁ ବିରତ କରି ନଥିଲା। ସୋମନାଥ ମ.ଇ. ସ୍କୁଲ ଏବଂ ପଞ୍ଚୁପଲୀ ସୋମନାଥ ହାଇସ୍କୁଲରେ ମୋର ପାଠପଢା। ଏଠାରୁ ମାଟ୍ରିକ ପାସ୍ କଲି। ପରେ ଘରୋଇ ଭାବେ ଆଇଏ ପଢିଥିଲି। ୧୯୬୬ ମସିହାର କଥା, ଗାଁର ଯୁବକମାନେ 'ଲକ୍ଷେହୀରା' ନାଟକ ମଞ୍ଚସ୍ଥ କରିବାକୁ ମନସ୍ଥ କଲେ ; ଯେଉଁଥିରେ ମୁଁ ଲକ୍ଷେହୀରା ଭୂମିକାରେ ଅଭିନୟ କରିଥିଲି। ସେଦିନ ଭଲ ଅଭିନୟ ଯୋଗୁ ଦର୍ଶକଙ୍କଠାରୁ ବହୁତ ପ୍ରଶଂସା ପାଇଥିଲି ; ଯାହା ମୋତେ ଖୁବ୍ ଉତ୍ସାହିତ କରିଥିଲା। ସେବେଠାରୁ ଅଭିନୟ ପ୍ରତି ଅଧିକ ଆଗ୍ରହ ବଢିଯାଇଥିଲା। ଧୀରେଧୀରେ ଅଭିନୟ କରିବା ସହିତ ନାଟକରେ ନିର୍ଦ୍ଦେଶନା ଦେଲି। ୧୯୬୮ରେ ସୋମନାଥ ମ.ଇ. ବିଦ୍ୟାଳୟରେ ଜଣେ ସହକାରୀ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲି। ଶିକ୍ଷକତା କରିବା ସହିତ ଫୁର୍‌ସତ ମିଳିଲେ ନାଟକ ଲେଖୁଥିଲି। ୧୯୭୫ ମସିହାରେ ଗାଁର ଯୁବକମାନେ ମୋ ରଚିତ ପ୍ରଥମ ଐତିହାସିକ ନାଟକ ଚଣ୍ଡାଶୋକକୁ ମଞ୍ଚସ୍ଥ କରି ଖୁବ୍ ନାଁ କରିଥିଲେ। କିନ୍ତୁ ଗୋଟିଏ ନାଟକ ଜଗନ୍ନାଥ ଗଣନାଟ୍ୟରେ ପରିବେଷଣ ହୋଇଥିଲା। ଏକଥା ସତ ଯେ ନାଟକ ଦର୍ଶକଙ୍କୁ କେବଳ ମନୋରଞ୍ଜନ ଦିଏ ତା' ନୁହେଁ ବରଂ ସମାଜର ନିଛକ ଛବିକୁ ପ୍ରତିଫଳିତ ଯୋଗୁ ଜନଜାଗରଣ ସୃଷ୍ଟିକରିଥାଏ। ମୁଁ ଯେତେବେଳେ ନାଟକ ଲେଖେ ସେତେବେଳେ କାହାଣୀ ଭିତରେ ନିଜକୁ ହଜାଇ ଦିଏ। ସେଇ କାହାଣୀ ଭିତରେ ଚରିତ୍ରମାନେ ଆପେଆପେ ଅଭିନୟ କରିଚାଲନ୍ତି। ନିଜ ଭିତରେ ନିଜେ କଥା ହୁଏ । କେତେବେଳେ ହସେ ତ ପୁଣି କାନ୍ଦିପକାଏ। ବିଭିନ୍ନ ଚରିତ୍ର ପାଇଁ ଆପେଆପେ ସଂଳାପ ପାଟିରୁ ବାହାରି ଆସେ। ଲେଖିଥିବା କାହାଣୀସବୁ ନାଟକର ରୂପନିଏ । ଏ ତ ଗଲା ସାମାଜିକ କାହାଣୀ କଥା, କିନ୍ତୁ ଐତିହାସିକ ଓ ପୌରାଣିକ ନାଟକ ରଚନାରେ ନିର୍ଦ୍ଦିଷ୍ଟ କାହାଣୀ ରହିଛି। ସେହି ସମୟର ଘଟିଥିବା ଘଟଣାର ମୁଖ୍ୟ ଚରିତ୍ରଙ୍କ ଉପରେ ତାହା ଆଧାରିତ ହୋଇଥାଏ। ନାଟକ ରଚନା କଲାବେଳେ କାହାଣୀରେ ସ୍ଥାନ, କାଳ, ପାତ୍ରକୁ ଜଗିରଖି ପରଖିବାକୁ ପଡ଼େ। କାହାଣୀ ମନଛୁଆଁ ହେବା ପାଇଁ ନାଟକରେ ନବରସ ରହିଥାଏ । ସେତେବେଳେ ଗାଁ ଗାଁ ବୁଲି ଡ୍ରାମା ପାଇଁ ନାଟକ ରଚନା ଠାରୁ ନିର୍ଦ୍ଦେଶନା ଦେବାରେ ବହୁସମୟ ବିତେଇବାକୁ ପଡିଛି। ମୁଁ ରଚନା କରିଥିବା ପୌରାଣିକ ନାଟକ ମଧ୍ୟରେ 'ମହାସତୀ ବୃନ୍ଦାବତୀ', 'ଭୁଜଦର୍ପୀ ବାଣା' ଅନ୍ୟତମ। କାଳ୍ପନିକ ନାଟକଭାବେ 'ଫେରାର ସାହାଜାଦୀ', 'ଝରା ଗୋଲାପ', 'ମିଛ ବାହାଘର ସତ ଚଉଠି', 'କଙ୍କାଳକୋଠିର ସୈତାନ'। ଐତିହାସିକ ନାଟକ 'କୁହୁଡ଼ି ଗଡ଼ର ଇତିହାସ', 'ଚଣ୍ଡାଶୋକ', 'ଚାଣକ୍ୟ', 'ରକ୍ତ ରଞ୍ଜିତ ଘୁମୁସର' ଏବଂ 'ବହ୍ନିକନ୍ୟା'। ସେହିପରି ସାମାଜିକ ନାଟକ 'ନୀଳବଣର ନାଗୁଣୀ', 'ଧରମ ଛାତିରେ କିଳା', 'ମଲାଜହ୍ନର ହସ', 'ବଡ଼ଘର ବଡ଼ ଗୁମରକଥା', 'ପାର୍ଟି ପାୱାରରେ ଅଛି', 'ବିଲେଇ ବେକରେ ଘଣ୍ଟି', 'ଶତାବ୍ଦୀର ପାହାଚ ତଳେ', 'ପ୍ଲାଷ୍ଟିକ ତାଜମହଲ', 'ଫାଳେ ରସଗୋଲା ଗିଲାସେ ପାଣି' ଆଦି ୮୦ଟି ନାଟକ ମଞ୍ଚସ୍ଥ ହୋଇସାରିଛି। ଏକଥା ସତ ଯେ ରଚନା କରିଥିବା ବିଭିନ୍ନ ନାଟକ କୌଣସି ପ୍ରଫେଶନାଲ ଅପେରା ପାର୍ଟିରେ ମଞ୍ଚସ୍ଥ ହୋଇ ନାହିଁ ବରଂ ବିଭିନ୍ନ ଗାଁରେ ଥିବା ନାଟକ କ୍ଲବର ଯୁବକମାନେ ପରିବେଷଣ କରିଛନ୍ତି। ସେହିପରି 'ଫେରାର ଶାହାଜାଦୀ', 'ନୀଳବଣର ନାଗୁଣୀ', 'ଏଜାତି ଏବେ ବି ବଞ୍ଚିଛି' ଆଦି ନାଟକ ପ୍ରକାଶିତ। ଏହିସବୁ ନାଟକ ଆମ ଅଞ୍ଚଳରେ ବହୁବାର ମଞ୍ଚସ୍ଥ ହୋଇଛି। କିନ୍ତୁ 'ରକ୍ତରଞ୍ଜିତ ଘୁମୁସର' ଏବଂ 'ବହ୍ନିକନ୍ୟା' ନାଟକ ଏଯାଏ ମଞ୍ଚସ୍ଥ ହୋଇପାରି ନ ଥିବାରୁ ମନରେ ଅବସୋସ ରହିଛି। 'ଫେରାର ସାହାଜାଦୀ' ନାଟକଟି ପ୍ରଥମେ ଆମ ଗାଁରେ ମଞ୍ଚସ୍ଥ ହୋଇଥିଲା। ମାତ୍ର ତାହା ସେତେ ଲୋକାଦୃତ ହୋଇପାରିଲା ନାହିଁ। ତେବେ କ'ଣ ସମସ୍ୟା ରହିଲା ତାହା ଜାଣିବା ପାଇଁ ନାଟ୍ୟ ନିର୍ଦ୍ଦେଶକ ତଥା ଓଡ଼ିଶାର ଜଣାଶୁଣା ମଞ୍ଚ ଅଭିନେତା ନଟବର ସେଣଙ୍କ ପରାମର୍ଶ ନେଇଥିଲି। ପରେ ଜାଣିଲି ଯେ ନାଟକଟି ସବୁଦିଗରୁ ଠିକଠାକ୍ ଥିଲା। କିନ୍ତୁ ନାଟକଟିଏ ପରିବେଷଣ ପୂର୍ବରୁ ଅଭିନୟରେ ଚରିତ୍ରର ଭୂମିକା ପ୍ରତି ନିର୍ଦ୍ଦେଶକଙ୍କ ଯେଉଁ ଭାବ ଅନୁଭବ କରିବା କଥା, ବୋଧହୁଏ ସେତେବେଳେ ନିର୍ଦ୍ଦେଶନା ଦେବାରେ ତାଙ୍କର ସେ ଅଭିଜ୍ଞତାର ଅଭାବ ରହିଥିଲା। କିନ୍ତୁ ପରେ ସେଇ 'ଫେରାର ସାହାଜାଦୀ' ନାଟକଟି ଏକାଧିକ ମଞ୍ଚରେ ସଫଳତାର ସହିତ ପରିବେଷଣ ହୋଇଥିଲା। ଯାହା ମତେ ନାଟ୍ୟକାରର ପରିଚୟ ଦେଇଥିଲା।

–ବନବିହାରୀ ବେହେରା








# ଛତା

-ରୋଜାଲିନ ମିଶ୍ର

ଘରର ଯାବତୀୟ ଅଦରକାରୀ ଜିନିଷ ସହ ତାଙ୍କର ସେଇ ଛତାଟିକୁ ବି କାଢ଼ି ବାହାରେ ଗଦେଇ ଦେଇଥିଲା ବୋହୂ। ଆହୁରି କହୁଥିଲା ପୁଣି ତା'ର ଏ ସୁନ୍ଦର ସୁସଜ୍ଜିତ ଘରେ ଏଭଳି ଫାଲତୁ ଦୃଷ୍ଟିକଟୁ ଜିନିଷର କୌଣସି ସ୍ଥାନ ନାହିଁ ବୋଲି।

କବାଡ଼ିବାଲା ଆସିଲା। ଜିନିଷ ସବୁକୁ ପରଖିଲା। କିଛିକୁ ଓଜନ କଲା। କିଛିକୁ ମୋଡ଼ିମାଡ଼ି ନେଇ ତା' ମଳି କୋଚଟ ଅଖା ଭିତରେ ମାଡ଼ି, କିଛିକୁ ଘୋଷରା ଓଟରା କରି ତା' ଟ୍ରଲି ଉପରେ ଲଦିଲା। ଏବେ ତାଙ୍କ ଛତାର ପାଳି। କବାଡ଼ିବାଲା ଛତାଟିକୁ ବେପରୁଆ ଭାବେ ଉଠେଇ ନେଇ ବେଯତ୍ନ ଭାବରେ ତା' ଟ୍ରଲି ଉପରକୁ ଫିଙ୍ଗିଦେବା ଆଗରୁ ନିଜ ଘର ଭିତରକୁ ଚାଲି ଆସିଲେ ଶୋଭା। ଶୋଇପଡ଼ିଲେ ସିଧା ଯାଇ ତାଙ୍କ ଖଟ ଉପରେ। ଆଖିରେ ଆଖିଏ ଲୁହ। ଛାତି ଭିତରେ ଯେମିତି ବହୁତ କିଛି ଭାଙ୍ଗିରୁଜି ଯାଇ ବିରାଟ କ୍ଷତଟିଏ ସୃଷ୍ଟି ହୋଇଛି। ଆଉ ବହୁତ କଷ୍ଟ ଦେଉଛି ତାଙ୍କୁ। ଦିନଯାକ ଏମିତି ଛଟର ପଟରରେ କଟିଗଲା ତାଙ୍କର। ତାଙ୍କର ଏ ମାନସିକ ଅବସ୍ଥାର କିଛି ବି ଫରକ ପଡୁ ନ ଥିଲା ପୁଅବୋହୂଙ୍କୁ। କି ଜାଣି ଜାଣି ଅଜଣା ଚାଉଳର ଭାତ ଖାଉଥିଲେ କେଜାଣି। ସେଥିରେ ଆହୁରି ପନ୍ଦର ବର୍ଷର ନାତି ଟୋକାଟା ତାଙ୍କୁ ହାଡ଼ ଜଳିଲା ଭଳି ଚିଡ଼େଇକି ପ୍ରଶ୍ନ କରୁଥିଲା ,

ଜେଜେମା'... କ'ଣ ଆଜି ଜେଜେ ଭାରି ମନେ ପଡୁଛନ୍ତି କି ? ଆଚ୍ଛା ଜେଜେମା ... ସେ ଭଙ୍ଗା ଛତା ଭିତରେ କ'ଣ ଜେଜେବାପା ଲୁଚିକି ରହୁଥିଲେ ?

ବିରକ୍ତ ହୋଇ ଛାତ ଉପରକୁ ଚାଲିଗଲେ ଶୋଭା ନିଜକୁ ଏକାନ୍ତରେ ଟିକେ ସାନ୍ତ୍ୱନା ଦେବା ପାଇଁ। ହାଲ୍କା କୁଣ୍ଡା ଝାଡ଼ିବା ପରି ବର୍ଷା ହେଉଥିଲା। ତଥାପି ସେ ସେମିତି ବସି ରହିଲେ ଖୋଲା ଆକାଶ ତଳେ ଅନ୍ଧାରକୁ ଚାହିଁ ରହି। ବୋହୂ ଆଉ ନାତି ଅପେକ୍ଷା ତାଙ୍କର ବେଶି ରାଗ, ଅଭିମାନ ଆସୁଥିଲା ନିଜ ପୁଅ ଉପରେ। ସେ କେମିତି ଫୋପାଡ଼ି ଦେଇ ପାରିଲା ନିଜ ବାପାର ପ୍ରିୟ ଜିନିଷଟିକୁ !!

ଏ ଛତାଟିକୁ ଶୋଭାଙ୍କର ବାପା ଦେଇଥିଲେ ତାଙ୍କ ଜ୍ୱାଇଁଙ୍କୁ ଯୌତୁକରେ। ସେ ସମୟରେ ଏ ଛତା ସାଙ୍ଗକୁ ହାତ ଘଣ୍ଟାଟିଏ ମିଳିଥିଲା ତାଙ୍କ ସ୍ୱାମୀ ରତ୍ନାକରଙ୍କୁ। ଆଷାଢ଼ ମାସରେ ବାହାଘର ତାଙ୍କର। ବର୍ଷା ହେଲା ମାନେ ଛତାଟିକୁ ମାରି ଗାଁ ଦାଣ୍ଡରେ ବିନା କିଛି କାରଣରେ ଘେରାଏ ବୁଲି ଆସୁଥିଲେ ତାଙ୍କ ସ୍ୱାମୀ ଭାରି ଖୁସି ମନରେ।

ଗୋଟାଏ କିଛି ଅସୁବିଧା ସମୟରେ ଘଣ୍ଟାଟି ବିକ୍ରି ହୋଇଗଲା ଆଉ ରହିଗଲା କେବଳ ଛତାଟି। ଭାରି ଯତ୍ନରେ ସାଇତି ରଖିଥିଲେ ଶୋଭା ସେଇଟିକୁ ବାପଘରର ସନ୍ତକ ଭାବେ। ଏତେ ଯତ୍ନରେ ରଖିଲା ପରେ ବି ଦିନେ ମୂଷାଟିଏ କାଟି ଦେଇଥିଲା ସେଇଟିକୁ। ଛତା ପିଠିରେ ଏତେବଡ଼ କଣା ଦେଖି ସେଦିନ ଖୁବ୍ କାନ୍ଦିଥିଲେ ଶୋଭା। ଆଉ ତାଙ୍କୁ ବୁଝେଇବାକୁ ଯାଇ ନିଜ ହାତରେ ପାନପତ୍ର ଆକାରର ତାଳିଟିଏ ପକେଇ ସିଲେଇ କରି ଦେଇଥିଲେ ରତ୍ନାକର। ଆଉ ରସିକତା କରି କହିଥିଲେ, ହେଇ ଦେଖ ଶୋଭା ... ତୁମ ବାପଘର ଛତାରେ ମୁଁ କେମିତି ମୋ ଭଲ ପାଇବାର ଚିହ୍ନ ଆଙ୍କି ଦେଇଛି। ମୁଁ ମଲା ଯାଏ ଆଉ ମଲା ପରେ ବି ତୁମ ସାଙ୍ଗରେ ଏ ଥିବ ଯେମିତି।

ସ୍ୱାମୀଙ୍କ ପରେ ଛତାଟି ଅବ୍ୟବହୃତ ହୋଇ ପଡ଼ିଛି। ପୁରୁଣା କାଳିଆ ସେଥିରେ ପୁଣି ତାଳିପକା। କିନ୍ତୁ ସ୍ୱାମୀଙ୍କ ପ୍ରେମର ସ୍ୱାକ୍ଷର ଥିବା ଛତାଟି ପ୍ରତି ଟିକେ ବେଶି ଭାବରେ ଦୁର୍ବଳ ହୋଇପଡ଼ିଲେ ଶୋଭା। ମନେପଡ଼େ ତାଙ୍କ ପୁଅ ବଦଳି ବେଳର କଥା। ଅଲଗା ସହରକୁ ସ୍ଥାନାନ୍ତରିତ ହେବା ବେଳେ ପୁଅବୋହୂ ଆଦୌ ରାଜି ନ ଥିଲେ ଏ ଅଦରକାରୀ ଜିନିଷଟିକୁ ବୋହିବା ପାଇଁ। ଏ ଛତାଟି ପାଇଁ କିଛି କମ୍ ଯୁକ୍ତିତର୍କ କରିବାକୁ ପଡି ନ ଥିଲା ତାଙ୍କୁ ସେତେବେଳେ। ଶେଷରେ ସେ ଜିତିଥିଲେ ମଧ୍ୟ। ଆଉ ଆଜି ...

ଶୋଭା ଆଖି ବୁଜିଲେ ଦୁଃଖରେ। ମନେ ମନେ ସ୍ୱାମୀଙ୍କ ଉଦ୍ଦେଶ୍ୟରେ କହିଲେ .....''ପାରୁଛ ଯଦି ମୋତେ କ୍ଷମା କର। ଅନ୍ତତଃ ମୁଁ ବଞ୍ଚିଥିବା ଯାଏ ଛତାଟିକୁ ସାଇତି ରଖିବି ବୋଲି ଭାବିଥିଲି। କିନ୍ତୁ ପାରିଲିନି'' । ଆଖିରୁ ଦୁଇ ଠୋପା ଲୁହ ଖସି ପଡ଼ିଲା ତାଙ୍କର।

ହଠାତ୍ କୁଣ୍ଡାଝଡ଼ା ବର୍ଷାଟା ବନ୍ଦ ହୋଇଯିବା ପରି ଲାଗିଲା ତାଙ୍କୁ। ଲାଗିଲା ଯେମିତି ତାଙ୍କ ପାଖରେ ଆସି ତାଙ୍କ ସ୍ୱାମୀ ରତ୍ନାକର ଠିଆ ହୋଇଛନ୍ତି ଆଉ ତାଙ୍କ ମୁଣ୍ଡ ଉପରୁ ହାତ ବୁଲେଇ ଆଣୁଛନ୍ତି। ଚମକିପଡ଼ି ଆଖି ଖୋଲିଲେ ସେ। ଆଶ୍ଚର୍ଯ୍ୟର ସୀମା ନଥିଲା ତାଙ୍କର। ତାଙ୍କ ପଛରେ ତାଙ୍କ ନାତିଟୋକା ଠିଆ ହୋଇଥିଲା ତାଙ୍କର ସେଇ ପ୍ରିୟ ଛତାଟିକୁ ମୁଣ୍ଡ ଉପରେ ମେଲିଦେଇ। ଆଉ ମୁରୁକି ମୁରୁକି ହସି କହୁଥିଲା .... ଏଇଟିକୁ ଝୁରି ହେଉଥିଲ ଟି ସକାଳୁ। ମୁଁ ଜାଣିଛି ପରା। ସେଥିପାଇଁ ମମିକୁ ଲୁଚେଇ କବାଡ଼ିବାଲାଠାରୁ ନେଇ ଆସିଥିଲି। ଯାହାହେଲେ ବି ମୋ ଜେଜେଙ୍କ ଛତା ନା। ତୁମେ ଚିନ୍ତା କରନି ଜେଜେମା'। ଆଜି ଠୁ ୟା ଦାୟିତ୍ୱ ମୋର।

-ଭି ଏସ୍ ଏସ୍ ନଗର
ମୋ: ୮୮୯୫୩୨୬୪୩୪

## ପାଞ୍ଚୋଟି ଏକପଦୀ

-ଭରତ ଚନ୍ଦ୍ର ଦାଶ

ଦେଖିବାକୁ ଚାହେଁ ମୋ ପ୍ରୀତିର ମୁହଁ
ସ୍ନିଗ୍ଧ ମଧୁର ଚିତ୍ତେ
ହସ ହସ ମୁଖ ପ୍ରୀତିର ମୟୂଖ
ମିଳନର ମଧୁ ଗୀତେ ।

ଦୁଇ

ଖିଆଲି ମନରେ କହିଲି ମୁଁ ଦିନେ
ପାଦରୁ ମସ୍ତକ ଯାଏ
ଶ୍ରୀତନୁର ଗାତ୍ର ଅତୁଲ୍ୟ ସେ ଚିତ୍ର
ଦେଖାଅ ଗୋ ପ୍ରାଣ ପ୍ରିୟେ।

ତିନି

ଅନିନ୍ଦ୍ୟ ସେ ଚିତ୍ର ବିଧିରେ ବିଚିତ୍ର
ଅନୁପମ ଦିବ୍ୟ ରୂପ
ଦରଶନେ ନେତ୍ର ନୁହେଁ ଅପବିତ୍ର
ପ୍ରଣୟିନୀ ପ୍ରୀତି ଧୂପ।

ଚାରି

ସକାଳରେ ଆଜି ବରଷାରେ ଭିଜି
କାହାର ପରଶ ଲଭେ
ତୁମ ଦେହ ଛୁଇଁ ମୋ ଦେହ ଛୁଇଁଲା
ଏହି କଥା ବସି ଭାବେ।

ପାଞ୍ଚ

ମୋ ଆଖିରେ ତୁମେ ସପନ ଭରିଛ
ଦିବା ନିଶି ଦେଖେ ଖାଲି
ଯେବେ ଠୁଁ ଆଖିରେ ଅଞ୍ଜନ ବୋଳିଲ
ପାରୁନି ତମକୁ ଭୁଲି ।

---XXX---

ସଚିବ, ସୃଜନ ଶ୍ରୀକ୍ଷେତ୍ର, ମାର୍କୋଣା
ବାଲେଶ୍ୱର, ମୋ- ୮୯୮୪୪୩୯୧୬୬

## ସଂପର୍କ

-ଶୁଭେନ୍ଦୁ ମହାନ୍ତି

ସଂପର୍କଟା
ଜୀବନର ଚଲାପଥେ
ଏକ ଅଜଣା ବାଟୋଇ
ଅମାନିଆ ନଈ
ଆମ ଗାଁ ବରଗଛ ଛାଇ
ହଜିଲା ଦିନର
ଅଲିଭା ସ୍ମୃତିର
ଏକ ଅଧାଲେଖା ବହି।

-ପ୍ରାଧ୍ୟାପକ, ପି.ଏନ୍. କଲେଜ, ଖୋର୍ଦ୍ଧା
ମୋ: ୯୪୩୭୭୭୫୭୫୭



# ମହେଶଙ୍କ ପ୍ରଶଂସାରେ କିଆରା

କିଆରା ଆଡଭାନୀ ନିଜ ଅଭିନୟ ଜୀବନର ରୋଚକ କଥା ବିଷୟରେ ନିକଟରେ ସୂଚନା ଦେଇଛନ୍ତି । ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୪ରୁ ଆଉ ଫିଲ୍ମଟିର ଟାଇଟଲ ଥିଲା 'ଫୁଗ୍ଲି' । ତେବେ ଏହାର ଚାରି ବର୍ଷ ପରେ ସେ 'ଭାରତ ଆନେ ନିଉ' ଶୀର୍ଷକ ତାମିଲ ଫିଲ୍ମରେ ଅଭିନୟ କଲେ । ଖାସ୍ କଥା ହେଲା, ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ମହେଶ ବାବୁ । ଯେତେବେଳେ ସେ ଜାଣିଲେ ଯେ ସେ ଅଭିନୟ କରିବାକୁ ଯାଉଥିବା ପ୍ରଥମ ତେଲୁଗୁ ଫିଲ୍ମରେ ମହେଶ ବାବୁ ନାୟକ ସାଜୁଛନ୍ତି ତାଙ୍କର ଖୁସି ବନ୍ଧ ବାଡ ମାନି ନ ଥିଲା । ଶୁଟିଂ ସମୟରେ ସେ ତାଙ୍କ ନିକଟରୁ ଅଭିନୟ ବିଷୟରେ ଅନେକ କଥା ଶିଖିଥିଲେ । ଏ ନେଇ କିଆରା କହନ୍ତି, 'ମୋ ଅଭିନୀତ ପ୍ରଥମ ତେଲୁଗୁ ଫିଲ୍ମର ଶୁଟିଂ ସମୟକୁ ମୁଁ କଦାପି ଭୁଲି ପାରିବି ନାହିଁ । କାରଣ ଏହି ସମୟରେ ମହେଶ ବାବୁ ମୋତେ ଅଭିନୟକୁ ନେଇ ଅନେକ ଟିପ୍ସ ଦେଇଥିଲେ । ଯାହାକି ପରବର୍ତ୍ତୀ ସମୟରେ ମୋ କ୍ୟାରିୟରକୁ ଆଗେଇ ନେବାରେ ବେଶ୍ ସହାୟକ ହୋଇଥିଲା । ଏ ନେଇ ମୁଁ ତାଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ ।' କିଆରା ତାଙ୍କର ଆଗାମୀ ତେଲୁଗୁ ଫିଲ୍ମ 'ଗେମ୍ ଚେଞ୍ଜର'ର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି । ଏସ.ଶଙ୍କରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ନାୟକ ଭୂମିକାରେ ଅଭିନୟ କରୁଛନ୍ତି ରାମଚରଣ ।


କିଆରା


# ଅପେକ୍ଷା ଅନ୍ତ ଦିନର

ଅନୁଷ୍କା ଶର୍ମା, ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ତଥା ଷ୍ଟାର କ୍ରିକେଟର୍ ବିରାଟ କୋହଲୀଙ୍କ ପତ୍ନୀ । ଜାଣନ୍ତିକି ଅନୁଷ୍କାଙ୍କର କ୍ରିକେଟ୍‌କୁ ନେଇ ଏକ ଆଶା ଥିଲା । ଆଉ ଏବେ ତାହା ପୂରଣ ବି ହୋଇଛି । କଥା କ'ଣ କି ଅନୁଷ୍କାଙ୍କ ଇଚ୍ଛା ଥିଲା, ଏକ କ୍ରିକେଟ୍‌ଭିତ୍ତିକ ସିନେମାରେ ଅଭିନୟ କରିବେ । ବିଲେଇ କପାଳକୁ ଶିକା ଛିଣ୍ଡିବା ପରି ରିଲିଜ୍ ଅପେକ୍ଷାରେ ଥିବା 'ଚକ୍‌ଦା ଏକ୍ସପ୍ରେସ୍'ରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ଭାରତୀୟ ମହିଳା କ୍ରିକେଟ୍ ଦଳର ଅନ୍ୟତମ ଲୋକପ୍ରିୟ ଖେଳାଳି ତଥା ଫାଷ୍ଟ ବୋଲର ଝୁଲଣ ଗୋସ୍ୱାମୀଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଛି ଏହି ହିନ୍ଦୀ ସିନେମା । ଏଥିରେ ଝୁଲଣ ଭୂମିକାରେ ଅଭିନୟ କରୁଛନ୍ତି ଅନୁଷ୍କା । ଏପରି ସୁଯୋଗ ସମ୍ପର୍କରେ ସେ କୁହନ୍ତି, 'ଯେତେବେଳେ ଏହି ଅଫର ମୋତେ ମିଳିଲା ସେତେବେଳେ ମୁଁ ଏ ସମ୍ପର୍କରେ ବିରାଟଙ୍କ ସହ ବିଶଦ୍ ଭାବେ ଆଲୋଚନା କରିଥିଲି । ଏହି ଫିଲ୍ମଟି କ୍ରିକେଟ ଉପରେ ଆଧାରିତ । ଏଥିରେ ମୁଁ ଝୁଲଣ ଗୋସ୍ୱାମୀ ଭୂମିକାରେ ଅଭିନୟ କରିଛି । ଆଶା ରଖିଛି, ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ ।' ଏହି ଫିଲ୍ମର ପ୍ରଯୋଜନା କର୍ଣ୍ଣେସ୍ ଶର୍ମା କରିଛନ୍ତି ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇନ୍ତି ପ୍ରୋସିତ୍ ରାୟ । ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଝୁଲଣ ଜଣେ ମହିଳା ପେସ୍ ବୋଲର ଭାବେ ବିଶ୍ୱରେ ସର୍ବାଧିକ ଉଇକେଟ ନେବାର ଗୌରବ ଅର୍ଜନ କରିଛନ୍ତି । ୨୦୧୮ରେ ତାଙ୍କୁ ସମ୍ମାନ ଦେବାକୁ ଯାଇ ଭାରତୀୟ ଡାକ ବିଭାଗ ତାଙ୍କ ନାମରେ ଏକ ଡାକଟିକଟ ଉନ୍ମୋଚନ କରିଥିଲା । ଏହି ଫିଲ୍ମଟି ଚଳିତ ବର୍ଷ ଅଗଷ୍ଟ ୨୩ରେ ରିଲିଜ ହେବାକୁ ଯାଉଛି ।


ଅନୁଷ୍କା

# ସେହି ଚାରି ମାସ..

ଆଲିୟା ଭଟ୍ଟ ଏବେ ଏକ ନୂଆ ସିନେମାର ଶୁଟିଂରେ ବ୍ୟସ୍ତ ଅଛନ୍ତି । ଚଳିତ ମାସ ୫ରୁ ଏହାର ଶୁଟିଂ ଆରମ୍ଭ ହୋଇଛି । ଚିତ୍ରଟିର ଟାଇଟଲ ରହିଛି 'ଆଲଫା' । ଏଥିରେ ଆଲିୟାଙ୍କୁ ଆକ୍ସନ ଅବତାରରେ ଦର୍ଶକ ଦେଖିବାକୁ ପାଇବେ । ଏହା ତ ନିଶ୍ଚୟ ତାଙ୍କ ପାଇଁ ଖୁସିର କଥା, ହେଲେ କ୍ୟାମେରା ସାମ୍ନା କରିବା ପୂର୍ବରୁ କିନ୍ତୁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା । ଏ ନେଇ ଆଲିୟା କହନ୍ତି, 'ଯଶରାଜ ଫିଲ୍ମସ ବ୍ୟାନରରେ ସିନେମାଟି ନିର୍ମାଣ କରାଯାଉଛି । ଏଥିରେ ମୁଁ ଜଣେ ସୁପର ଏଜେଣ୍ଟ ଭୂମିକାରେ ଅଭିନୟ କରୁଛି । କେବଳ ସେତିକି ନୁହେଁ, ଏହି ଫିଲ୍ମରେ ମୋ ଉପରେ ୫-୬ଟି ଆକ୍ସନ ଶଟ୍ ନିଆଯିବ । ଏ ନେଇ ମୋତେ ଏହାର ନିର୍ଦ୍ଦେଶକ ଶିବ ରାୱଲି ଯେତେବେଳେ ସୂଚନା ଦେଲେ ସେତେବେଳଠାରୁ ମାଇଣ୍ଡ ମେକଅପ କରିନେଲି ଯେ ଏଥିପାଇଁ ମୋତେ ସ୍ପେଶାଲ ପ୍ରସ୍ତୁତି କରିବାକୁ ପଡିବ । ତେଣୁ ଦୀର୍ଘ ଚାରି ମାସ ଆକ୍ସନ ଟ୍ରେନିଂ ନେଇଥିଲି ।' ଅନ୍ୟପକ୍ଷରେ ନିର୍ଦ୍ଦେଶକ କହିଛନ୍ତି ଯେ, ଫିଲ୍ମଟି ଆଲିୟାଙ୍କ କ୍ୟାରିୟର ପାଇଁ ଏକ ଟର୍ନିଂ ପଏଣ୍ଟ ହେବ । କାରଣ ଏଭଳି ଦମଦାର ଭୂମିକାରେ ସେ ପୂର୍ବରୁ ଅଭିନୟ କରି ନ ଥିଲେ । ଶର୍ବରୀ ମଧ୍ୟ ଏହି ଫିଲ୍ମରେ ଅଭିନୟ କରୁଛନ୍ତି । ଶୁଣିବାକୁ ମିଳୁଛି ଯେ ତାଙ୍କ ଅପୋଜିଟ୍‌ରେ ବବି ଦେଓଲ ଅଭିନୟ କରିପାରନ୍ତି । ଏହି ଫିଲ୍ମଟି ଆଲିୟାଙ୍କୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା ।


ଆଲିୟା

# ପ୍ରତିଦିନ ଦୁଇ ଘଣ୍ଟା

ରଣବୀର ସିଂ ଯେତେ ବ୍ୟସ୍ତ ରହିଲେ ବି ପ୍ରତିଦିନ ଗୋଟିଏ କାମ ପାଇଁ ଦୁଇ ଘଣ୍ଟା ଯେମିତି ବି ହେଉ ଦିଅନ୍ତି । ସେହି ଜିନିଷଟି କ'ଣ ତାହା ଜାଣିବାକୁ ଆପଣଙ୍କ ମନରେ ନିଶ୍ଚୟ ଉତ୍ସୁକତା ପ୍ରକାଶ ପାଇବଣି । ହଁ, ପ୍ରତିଦିନ ସେ ଯେମିତିହେଲେ ଦୁଇ ଘଣ୍ଟା ଏକ୍ସରସାଇଜ ପାଇଁ ଦିଅନ୍ତି । କାରଣ ନିଜ ଫିଟ୍‌ନେସ୍‌କୁ ନେଇ ସେ ବେଶ୍ ସଚେତନ । ଏ ବିଷୟରେ ରଣବୀର କହନ୍ତି, 'ଆଜିକାଲି ଯୁଗରେ ଫିଟ୍‌ନେସ୍ ହେଉଛି ସବୁକିଛି । ତେଣୁ ମୁଁ ନିୟମିତ ଏକ୍ସରସାଇଜ କରେ । ଯଦି ହାତରେ ସମୟ ଥାଏ ତେବେ ଜିମ୍ ଯାଏ । ନ ହେଲେ ଘରେ ସକାଳେ ଘଣ୍ଟାଏ ସନ୍ଧ୍ୟାରେ ଘଣ୍ଟାଏ ଯେମିତି ହେଲେ ଏକ୍ସରସାଇଜ କରେ । କେବଳ ସେତିକି ନୁହେଁ, ତା'ସହ ଖାଦ୍ୟପେୟ ପ୍ରତି ମଧ୍ୟ ଧ୍ୟାନ ଦିଏ ।' ରଣବୀର ଲଞ୍ଚ୍ ହେଉ କି ଡିନରରେ ମିଠା ଖାଇବାକୁ ଭଲ ପାଆନ୍ତି । ଯଦି କୌଣସି ପ୍ରଂସଶକ ତାଙ୍କୁ ଭେଟିବାକୁ ଆସନ୍ତି ସେ ତାଙ୍କୁ ଯେମିତି ବି ହେଉ ଉପହାରଟିଏ ଦିଅନ୍ତି । ରଣବୀରଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୦ରେ ରିଲିଜ ହୋଇଥିବା ଫିଲ୍ମ 'ବ୍ୟାଣ୍ଡ ବାଜା ବାରାତ୍'ରୁ ।


ରଣବୀର


ହୁମା

# ହୁମା ଯାହା ଖୋଜୁଥିଲେ..

କଥାରେ ଅଛି-ଏମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା । ଦେଖୁନାହାନ୍ତି, ଯେଉଁ କଥାର ସମାଧାନକୁ ନେଇ ହୁମା ଟେନସନରେ ଥିଲେ ତାହା କେମିତି ନିମିଷକ ମଧ୍ୟରେ ସମାଧାନ ହୋଇଗଲା । ଅବଶ୍ୟ ଏହି ଘଟଣାର ସଂଯୋଗ ହୁମାଙ୍କର ବ୍ୟକ୍ତିଗତ ଜୀବନ ନୁହେଁ, ଅଭିନୟ ଜୀବନ ସହ ରହିଛି । ଅର୍ଥାତ୍, ଆକ୍ଟିଂକୁ ନେଇ ତାଙ୍କ ମନରେ ଅନେକ ପ୍ରଶ୍ନ ଥିଲା । ତେଣୁ ସେ ଏଗୁଡିକର ଉତ୍ତର ଖୋଜିବୁଲୁଥିଲେ । ଏକଦା ତାଙ୍କର ନାମୀ ନିର୍ଦ୍ଦେଶିକା ଦୀପା ମେହେଟ୍ଟାଙ୍କ ସହ ଭେଟ ହୋଇଥିଲା । ବାସ୍, ତା'ପରେ ସତେଯେମିତି ସେ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଥିଲା । ଏ ନେଇ ହୁମା କହନ୍ତି, 'ଦୀପା ମ୍ୟାଡାମଙ୍କ ସହ ଭେଟ ହେବା ପରେ ତାଙ୍କୁ ମୁଁ ମୋ ମନର କଥା କହିଲି ଆଉ ସେ ମୋର ପ୍ରାୟ ସବୁ ସମସ୍ୟାର ସମାଧାନ କରିଦେଇଥିଲେ । ବର୍ତ୍ତମାନ ମୁଁ ୱେବ୍ ସିରିଜ ଦୁନିଆରେ ପାଦ ଦେଇଛି । ମୋ ମତରେ ଦର୍ଶକଙ୍କର ନିକଟତର ହେବାର ଏହା ହେଉଛି ଏକ ସୁନ୍ଦର ମାଧ୍ୟମ ।'

# ଘାରିଛି ରିଲ୍ସ ନିଶା

ରିଲ୍ ବନେଇବା ବର୍ତ୍ତମାନ ଏକ ଫ୍ୟାଶନ ପାଲଟି ଗଲାଣି । ଏଥିରୁ ଅନେକେ ବେଶ୍ ମାଇଲେଜ ବି ନେଉଛନ୍ତି । ଏଭଳି ଏକ ସାଂପ୍ରତିକ ବିଷୟକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଭଗିଆ ଭାରିଯା' । ଏହାର କାହାଣୀ ଅନୁସାରେ ଏକ ନିପଟ ମଫସଲରେ ରହୁଥିବା ଭଗିଆର ଭାରିଯାକୁ ରିଲ୍ସ ନିଶା ଘାରିଛି । ରିଲ୍ ତିଆରି କରି ତା' ମାଧ୍ୟମରେ ନିଜ ପରିଚୟ ସୃଷ୍ଟି କରିବା ସହ ସେ ଏକ ଲକ୍ଷ୍ୟ ବି ରଖିଛି । ସେହି ଲକ୍ଷ୍ୟ କ'ଣ ଆଉ ତାହା ପୂରଣ ହେଉଛି କି ନାହିଁ ତାହାର ଉତ୍ତର ସିନେମାରେ ପାଇବେ । ହରିବୋଲ ମିଡିଆ ଏଣ୍ଟରଟେନମେଣ୍ଟ ପ୍ରା.ଲି. ବ୍ୟାନରରେ ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ହାସ୍ୟାଭିନେତା ହରିହର ମହାପାତ୍ର ଓରଫ ହରି ଭାଇ । ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି) । ହରି, ଦେବଯାନୀ, ବବି ମିଶ୍ର ଏବଂ ପୁପିନ୍ଦର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ।


ଦେବଯାନୀ

# ଟ୍ୟୁଶନରୁ ହୋଇଥିଲା ପ୍ରଥମ ରୋଜଗାର

**ମୋ**ର ଜନ୍ମ ଯାଜପୁର ଜିଲାର ନରସିଂହପୁର ଗ୍ରାମରେ। ମୋତେ ମାତ୍ର ଅଢ଼େଇ ବର୍ଷ ବୟସ ବେଳକୁ ମା' ମୋ ସାନଭାଇକୁ ଜନ୍ମଦେଇ ଆରପାରିକୁ ଚାଲିଗଲେ। ବଡ଼ ଭଉଣୀ ଅଳ୍ପଦିନ ପୂର୍ବରୁ ବିଭା ହୋଇଯାଇଥିଲେ। ବାପା ଯାଜପୁର ରୋଡ୍ ନିକଟବର୍ତ୍ତୀ ଶଙ୍ଖଚିଲା ହାଟରେ ବ୍ୟବସାୟ କରୁଥିଲେ। ତେଣୁ ବଡ଼ବାପା ହିଁ ଆମର ଭଲମନ୍ଦ ବୁଝୁଥିଲେ। ମୋତେ ୮ ବର୍ଷ ବୟସ ବେଳକୁ ବାପାଙ୍କର ମଧ୍ୟ ସ୍ୱର୍ଗବାସ ହୋଇଗଲା। ବଡ଼ବାପାଙ୍କର ଥିଲେ ୬ ପୁଅ ଓ ଗୋଟିଏ ଝିଅ। ଏତେବଡ଼ ପରିବାରର ଦାୟିତ୍ୱ ମୁଣ୍ଡ ଉପରେ ଥାଇ ବି ସେ ଆମ ଦୁଇ ଭାଇଙ୍କର ସବୁ ଭଲମନ୍ଦ ବୁଝିବା ସହ ଆମକୁ ପାଠ ପଢ଼ାଉଥିଲେ। ଭଲ ପଢୁଥିବା ଯୋଗୁ ତୃତୀୟ ଓ ସପ୍ତମରେ ବୃତ୍ତି ପାଇଲି। ନବମରେ ପଢ଼ିଲାବେଳେ ସାର୍‌ମାନେ ହଷ୍ଟେଲରେ ରହି ଅଧିକ ପଢ଼ିବାକୁ ପରାମର୍ଶ ଦେଲେ। ତେଣୁ ହଷ୍ଟେଲରେ ରହିଲି। ପଢ଼ା ସାଙ୍ଗକୁ ନାଟକରେ ଅଭିନୟ ଓ ଲେଖାଲେଖି ବି କରୁଥିଲି। ଦଶମରେ ପଢ଼ିଲାବେଳେ ଗଣେଶ ପୂଜାକୁ ସ୍କୁଲରେ ଏକ ନାଟକ ମଞ୍ଚସ୍ଥ ହୋଇଥିଲା; ଯାହାକୁ ଦେଖିବାକୁ ଆସିଥିଲେ ସ୍କୁଲ ପାଖ ଡାକଘରର ପୋଷ୍ଟମାଷ୍ଟର ଲକ୍ଷ୍ମୀକାନ୍ତ ଦାସ। ନାଟକରେ ମୋ ଅଭିନୟ ଦେଖି ସେ ଏତେ ଅଭିଭୂତ ହୋଇପଡିଲେ ଯେ, ଆମର କୁଳମଣି ସାର୍‌ଙ୍କୁ ମୋ ବିଷୟରେ ପଚରାପଚରି କଲେ। ମୋ ଜୀବନର କରୁଣ କାହାଣୀ ଶୁଣି ସେ ମୋତେ ତାଙ୍କ ଘରକୁ ଡକାଇ ଭଲମନ୍ଦ ବୁଝିଲେ। ସେତେବେଳେ ବୃତ୍ତି ବାବଦରେ ମିଳୁଥାଏ ମାସକୁ ମାତ୍ର ୧୫ ଟଙ୍କା; ଯେଉଁଥିରୁ ୧୦ ଟଙ୍କା ୩/୪ ଭାଇଙ୍କ ସ୍କୁଲ ଦରମା ବାବଦକୁ ଖର୍ଚ୍ଚ ହେଉଥିଲା ଆଉ ୫ଟଙ୍କା ଛାତ୍ରାବାସରେ ମୋ ଖର୍ଚ୍ଚ ପାଇଁ ଦିଆଯାଉଥିଲା। କିନ୍ତୁ ତାହା କମ୍ ହେଉଥିବା ଯୋଗୁ ଅଧାରାତି ଖାଏ ତ ଅଧାରାତି ଉପବାସ ରହେ। ଏକଥା ଶୁଣି ସେ ମୋତେ ମାସକୁ ୧୦ଟଙ୍କା ଲେଖାଏ ସାହାଯ୍ୟ କରିବେ ବୋଲି ପ୍ରସ୍ତାବ ଦେଲେ। ହେଲେ ମୁଁ ଟିକେ ସ୍ୱାଭିମାନୀ ଥିଲି, ତେଣୁ କହିଲି – ''ଆପଣଙ୍କର କିଛି ଉପକାର ନ କରି ମୁଁ ସାହାଯ୍ୟ ନେବି ନାହିଁ।'' ଲକ୍ଷ୍ମୀକାନ୍ତ ବାବୁଙ୍କର ଦୁଇଟି ସାନ ସାନ ଝିଅ, ସେମାନଙ୍କୁ ୪ଟାରେ ସ୍କୁଲ ଛୁଟିପରେ ତାଙ୍କ ଘରକୁ ଯାଇ ପଢ଼ାଇବାକୁ କୁଳମଣି ସାର୍ ମୋତେ ବୁଝାଇଥିଲେ। ପଢ଼ା ମଝିରେ ମୋ ପାଇଁ ସୁସ୍ୱାଦୁ ହାଲୁଆ ଏବଂ ପଢ଼ାଇ ସାରି ଫେରିବା ବେଳକୁ ବଡ଼ ଗ୍ଲାସରେ ଗ୍ଲାସେ ସିଝା କ୍ଷୀର ପ୍ରତିଦିନ ଲକ୍ଷ୍ମୀକାନ୍ତ ବାବୁଙ୍କ ପତ୍ନୀ ଶିଶିରା ଦେବୀ ମୋତେ ଦେଉଥିଲେ। ପୁଣି ମାସ ଶେଷକୁ ୧୦ ଟଙ୍କା ଦରମା। ଖାଦ୍ୟ ପାଇଁ ଯେତେ ମନା କଲେ ବି ସେ କହୁଥିଲେ – 'ତୁମେ କ'ଣ ଆମ ପୁଅ ନୁହଁ? ଜଳଖିଆ ଟିକେ ଖାଇବାକୁ ମନା କରୁଛ? ଅଳ୍ପ କିଛିଦିନ ପରେ ତାଙ୍କର ଅନ୍ୟ ଏକ ସ୍ଥାନକୁ ବଦଳି ହୋଇଗଲା। ଟ୍ୟୁଶନ୍ ନ କଲେ ବି ପ୍ରତି ମାସ ସେହି ଡାକଘରକୁ ମୋ ନାଁରେ ୧୦ ଟଙ୍କା ମନିଅର୍ଡର ଆସୁଥିଲା; ଯେଉଁଥିରେ ମାଟ୍ରିକ ପରୀକ୍ଷା ପର୍ଯ୍ୟନ୍ତ ହଷ୍ଟେଲ୍‌ରେ ରାତିରେ ପେଟପୂରା ଖାଉଥିଲି। ସମସ୍ତଙ୍କ ଆଶୀର୍ବାଦ ଯୋଗୁ ମାଟ୍ରିକରେ ବି ବୃତ୍ତି ପାଇଲି। ମିନାବଜାରରେ ଯେହେତୁ ମୋର ଅନେକ ଲେଖା ପ୍ରକାଶିତ ହୋଇସାରିଥିଲା; ତେଣୁ ଚିନ୍ତା କଲି କଟକ ଯାଇ ସେହିଭଳି କିଛି ଲେଖାଲେଖି କାମ କରି ରୋଜଗାର କରିବି ଆଉ ପାଠପଢ଼ିବି। ଏମିତି ଚାକିରି ଖୋଜୁଖୋଜୁ ହଠାତ୍ ଦିନେ ଦେଖା ହୋଇଗଲା ''ଜ୍ଞାନମଣ୍ଡଳ'' ପ୍ରଣେତା ବିନୋଦ କାନୁନ୍‌ଗୋଙ୍କ ସହ। ସେ ମୋର ଭଲ ସାଧାରଣ ଜ୍ଞାନ ଓ ସାହିତ୍ୟ ପ୍ରୀତି ଦେଖି କହିଲେ – ''ତୁମେ ହିଁ ଜ୍ଞାନମଣ୍ଡଳ ଲେଖିବାକୁ ଉପଯୁକ୍ତ ବ୍ୟକ୍ତି। କୌଣସି କଲେଜରେ ପଢ଼ି କଟକରେ ଯଦି ରହିବ ଏବଂ ୨/୪ ଘଣ୍ଟା ସମୟ ମୋତେ ଦେବ; ତେବେ ତୁମର ଚଳିବା ପାଇଁ ଆଉ ଅଭାବ ରହିବ ନାହିଁ।'' ଏକଥାରେ ରାଜି ହେବାରୁ ସେ ମୋତେ ମାସକୁ ୧୦୦ଟଙ୍କା ଦେଲେ। ମୋର କାମ କରିବାର ସମୟ ରହିଲା ପାହାନ୍ତା ୩ଟାରୁ ସକାଳ ୬ଟା ପର୍ଯ୍ୟନ୍ତ। ତା' ସାଙ୍ଗକୁ ରେଭେନ୍ସା କଲେଜରେ ପଢ଼ି ମାସକୁ ବୃତ୍ତି ପାଇଲି ୬୦ ଟଙ୍କା। ସେଥିରୁ କିଛି ଘରକୁ ପଠାଇବା ସହ ଛାତ୍ରାବାସରେ ରହୁଥିବା କେତେଜଣ ଗରିବ ପିଲାଙ୍କୁ ମଧ୍ୟ ଯଥାସାଧ୍ୟ ସାହାଯ୍ୟ କରୁଥିଲି। ଏମିତିରେ ମୋର ବି.ଏ. ପଢ଼ା ସରିଗଲା। ତା'ପରେ ବମ୍ବେ ଯାଇ ଭାରତୀୟ ବିଦ୍ୟାଭବନରେ ସାମ୍ବାଦିକତା ପାଠ ପଢ଼ିଲି, ଆଉ ସମୟକ୍ରମେ ଏକ ଦୈନିକ ଓଡ଼ିଆ ଖବରକାଗଜରେ କାମ କରିବାକୁ ଲାଗିଲି। ତା'ପରେ ଓଡ଼ିଶାର ଦଶହଜାର ବରପୁତ୍ରମାନଙ୍କ ଜୀବନୀକୁ ନେଇ ଲେଖୁଥିବା ''ଆମେ ଓଡ଼ିଆ'' ଏନ୍‌ସାଇକ୍ଲୋପେଡିଆ ହିଁ ମୋତେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କଲା।

**ପ୍ରଥମ ରୋଜଗାର**



ଲେଖକ **ନୃସିଂହ ଚରଣ ସାହୁ (ଜହ୍ଲୁରୀ ଭାଇ)** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ତେରେଛା ଚାହାଣୀ, ମୁରୁକି ହସ, ତହିଁରୁ ଝରୁଛି ପ୍ରେମର ରସ

**ସାଥୀ**



**ପ୍ରଶ୍ନ**–ମୋ ପ୍ରିୟା ବେଳେବେଳେ ଅଭିମାନ କରୁଛି। ହେଲେ ସେ ହସିଦେଲେ ମୋତେ ଲାଗୁଛି ଯେମିତି ମୁଁ ଏକ ନୂଆ ଦୁନିଆରେ ରହିଛି। ସେ ହସରେ ଏମିତି କ'ଣ ଅଛି କହିବେ କି ସାଥୀ ?

*–ବିଜୟ ରାଉତ, ବଲାଙ୍ଗୀର*

**ଉତ୍ତର:** ଅଭିମାନ ହେଉଛି ପ୍ରେମର ଅନ୍ୟତମ ଗହଣା। ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। କାରଣ ଅନେକ ସମୟରେ ସେହି ଅଭିମାନରେ ମନର ଅନେକ କଥା ଲୁଚି ରହିଥାଏ। ସେ ସିନା ଅଭିମାନ କରିଛି, ହେଲେ ତା' ଲାଜରେ ଅନେକ କଥା ଲୁଚି ରହିଛି। 'ତେରେଛା ଚାହାଣୀ, ମୁରୁକି ହସ, ତହିଁରୁ ଝରୁଛି ପ୍ରେମର ରସ'। ତା' ମନର ଭିତିରି କଥାକୁ ଥଣ୍ଡା ମିଜାସରେ ପୁଣି ଭଲ ଭାବରେ ଅନୁଧ୍ୟାନ କରନ୍ତୁ। ଦେଖିବେ ସେହି ଲାଜୁଆ ହସରେ ପ୍ରେମର ଅନେକ କଥା ଲୁଚି ରହିଛି।

**ପ୍ରଶ୍ନ**– ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ଏବେ ଆଉ ଜଣେ ସୁନ୍ଦରୀ ମୋତେ ତା' ପ୍ରେମ ଜାଲରେ ବାନ୍ଧିବାକୁ ଚେଷ୍ଟା କରୁଛି। କଣ କରିବି ?

*–ଅମନ ଦାସ, କଟକ*

**ଉତ୍ତର:** ଯାହାକୁ ଭଲ ପାଉଥିଲେ ତାହାକୁ ତ ଜୀବନ ସାଥୀ ଭାବରେ ଗ୍ରହଣ କରିସାରିଲେଣି। ଏବେ ପୁଣି ଆଉ ଜଣେ ସୁନ୍ଦରୀ ମାୟାରେ ପଡିଯାଇଛନ୍ତି। ଏହାର ଅର୍ଥ ଜାଣତରେ ହେଉ ଅବା ଅଜାଣତରେ ଆପଣ ନିଜ ଗୋଡରେ କୁରାଢ଼ି ମାରୁଛନ୍ତି। ଘର ସଂସାର କରିବା ପରେ ପୁଣି ଥରେ ପ୍ରେମ କାଦୁଅରେ ଗୋଡ ପୁରାଇବା ଅର୍ଥ ଅଯଥା ଟେନସନ୍‌କୁ ହାତ ଠାରି ଡାକିବା। ପୁଣି ଥରେ କାହା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ। ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ।

**ପ୍ରଶ୍ନ**–ସେହି ସୁନ୍ଦରୀର ଲାଜରେ ପ୍ରେମର ଇସାରା ପାଇବା ପରେ ଆଗେଇଥିଲି। ହେଲେ ଏବେ ଜାଣୁଛି ସେ ମୋ ସହ ମିଛ ନାଟକ କରୁଥିଲା। ବର୍ତ୍ତମାନ ମୁଁ କଣ କରିବି ?

*–ତାପସ କୁମାର, ରାଉରକେଲା*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀର ପ୍ରେମ ଇସାରାରେ ଆପଣ ବନ୍ଦୀ ହୋଇଗଲେ ସେତେବେଳେ ସେହି ଝିଅର ମନର କଥାକୁ ଭଲ ଭାବରେ ପଢ଼ିନାହାନ୍ତି। କାରଣ ସବୁ ହସ ପଛରେ ପ୍ରେମ ଲୁଚି ରହି ନ ଥାଏ। କେତେକ ହସରେ ଏପରି ଭାଇରସ ଥାଏ ଯେ ତାହାର ଦଂଶନ ସାରା ଜୀବନ ଅନୁଭୂତ ହୋଇଥାଏ। ଏବେ ଯଦି ସେ ପ୍ରେମିକାର ଅସଲ ରୂପ ଜାଣିସାରିଲେଣି, ତେବେ ବିଳମ୍ବ କରି କିଛି ଫାଇଦା ନାହିଁ। କାରଣ ସେହି ବହୁରୂପୀ ପ୍ରେମିକାକୁ ନେଇ ଯଦି ଆଗକୁ ଆଗାନ୍ତି ତେବେ ଆପଣଙ୍କ ପ୍ରେମର ଯନ୍ତ୍ରଣା ସେତେ ବଢ଼ି ଚାଲିବ। ତେଣୁ ସେଭଳି ପ୍ରେମିକା ଆଉ ପ୍ରେମକୁ ଯେତେ ଶୀଘ୍ର ଗୁଡବାୟ କରିବେ ତାହା ଆପଣଙ୍କ ପାଇଁ ଭଲ ହେବ।

**ପ୍ରଶ୍ନ**–ଯାହାକୁ ମୋ ଜୀବନର ସବୁ କିଛି ଉତ୍ସର୍ଗ କରି ପ୍ରେମ କରୁଥିଲି ସେ ମୋତେ ଧୋକା ଦେଇ ଚାଲିଗଲା। ମୋ ମନକୁ ବୁଝାଇ ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ବିବେକ, ଖୋର୍ଦ୍ଧା*

**ଉତ୍ତର:** ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ପୁରୁଣା ଭୁଲର ଯେମିତି ପୁନରାବୃତ୍ତି ନ ହୁଏ ସେ ନେଇ ନଜର ଦିଅନ୍ତୁ। ନ ହେଲେ ପୁଣି ପ୍ରଥମ ପ୍ରେମର ପରିସ୍ଥିତି ଯେ ସୃଷ୍ଟି ନ ହେବ ତାହାର ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ।

# ବଙ୍ଗଭୂମିରେ ଶ୍ରୀଜଗନ୍ନାଥ





ଅବିଭକ୍ତ ଭାରତବର୍ଷରେ ବଙ୍ଗଳାର ଭକ୍ତମାନେ ତୀର୍ଥ ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରକୁ ଆସୁଥିଲେ। ସେମାନେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଫେରିବା ପରେ ନିଜ ନିଜ ଅଞ୍ଚଳରେ ଏପରି କି ନିଜ ଘରେ ଶ୍ରୀଜଗନ୍ନାଥଙ୍କ ଉପାସନା କରୁଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରୀଜଗନ୍ନାଥଙ୍କ ବିଗ୍ରହଙ୍କୁ ଶ୍ରୀକୃଷ୍ଣ ଭାବରେ ଗ୍ରହଣ କରିଥିଲେ। ଏହା ଥିଲା ଶ୍ରୀଚୈତନ୍ୟ ପୁରୀ ଆସିବାର ପରବର୍ତ୍ତୀ ଘଟଣା। ଶ୍ରୀଚୈତନ୍ୟ ଶ୍ରୀକୃଷ୍ଣଙ୍କ ଉପାସକ ଥିବାରୁ ଶ୍ରୀଜଗନ୍ନାଥଙ୍କୁ ସେ ଶ୍ରୀକୃଷ୍ଣ ମନେକରୁଥିଲେ। ସେଥିପାଇଁ ବଙ୍ଗଳାରେ ଶ୍ରୀଜଗନ୍ନାଥଙ୍କ ପୂଜିତ ବିଗ୍ରହରେ ଶ୍ରୀକୃଷ୍ଣଙ୍କର ସମୀକରଣ ଦେଖିବାକୁ ମିଳେ।

**ଘରେ ଘରେ ଶ୍ରୀଜଗନ୍ନାଥ ଉପାସନା:** ଶ୍ରୀଜଗନ୍ନାଥଙ୍କୁ ଅନେକ ବଙ୍ଗଳାର ଭକ୍ତ ନିଜ ପରିବାରର ସଦସ୍ୟ ଭାବରେ ଗ୍ରହଣ କରି ପୂଜା କରନ୍ତି। କେତେକ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଯେପରି ଭିନ୍ନ ଭିନ୍ନ ରହିଛି ତାଙ୍କ ବିଗ୍ରହରେ ମଧ୍ୟ ଭିନ୍ନତା ରହିଛି। ତେବେ ପ୍ରାୟ ସବୁ ଜିଲାରେ ଶ୍ରୀଜଗନ୍ନାଥ ବିରାଜମାନ କରିଛନ୍ତି। ମୂଳ ମନ୍ଦିରର ରୀତିନୀତି ଏଠାରେ ସମ୍ପୂର୍ଣ୍ଣ ଭାବରେ ପ୍ରତିଫଳିତ ନ ହୋଇପାରିଲେ ମଧ୍ୟ କେତେକାଂଶରେ ପ୍ରତିଫଳିତ ହୋଇଥାଏ। ବଙ୍ଗଳାର ଅନେକ ସ୍ଥାନରେ ପ୍ରବାସୀ ଓଡ଼ିଆମାନେ ବସବାସ କରିବା ପରେ ଏଠାରେ ଶ୍ରୀଜଗନ୍ନାଥଙ୍କ ଉପାସନାର ଅଧିକ ପ୍ରଚାର ପ୍ରସାର ହୋଇଛି। ମେଦିନୀପୁର, ହୁଗୁଳି ନଦୀର ଉପତ୍ୟକାରେ ଓଡ଼ିଶା ଶୈଳୀର ମନ୍ଦିର ଓ ଶ୍ରୀବିଗ୍ରହ ପୂଜା ହେଉଥିବାର ଦେଖିବାକୁ ମିଳେ।

**ବାଙ୍କୁଡ଼ା ଜଗନ୍ନାଥ ମନ୍ଦିର:** ପଶ୍ଚିମବଙ୍ଗର ଯେଉଁ ଅଞ୍ଚଳଗୁଡ଼ିକ ଓଡ଼ିଶା ଗଜପତିଙ୍କ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ ଥିଲା, ସେଠାରେ ଗଜପତିଙ୍କ ପୃଷ୍ଠପୋଷକତାରେ ଏକାଧିକ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମିତ ହୋଇଥିଲା। ତୁଙ୍ଗବଂଶ ଶାସନ କାଳରେ ବାଙ୍କୁଡ଼ାର ଜଗନ୍ନାଥପୁର ଗ୍ରାମରେ ରାଜା ନକୁର ତୁଙ୍ଗ ୧୩୫୮ ମସିହାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ। ଏଠାରେ ପୂଜିତ ଶ୍ରୀବିଗ୍ରହଙ୍କୁ ରାଜା ପୁରୀରୁ ଅଣାଇ ବିଜେ କରାଇଥିଲେ। ଅନେକ ଆଲୋଚକ ମତ ଦିଅନ୍ତି, ବଙ୍ଗଳାର ଏହା ପ୍ରାଚୀନ ମନ୍ଦିର। ମହାପ୍ରଭୁଙ୍କ ପୂଜାର୍ଚ୍ଚନା ପାଇଁ ଓଡ଼ିଶାରୁ ପୂଜକମାନଙ୍କୁ ବାଙ୍କୁଡ଼ା ଆଣିଥିଲେ।

**ବଙ୍ଗଳାର ସର୍ବପୁରାତନ ମନ୍ଦିର:** ମେଦିନୀପୁରର କଂସାବତୀ ନଦୀ କୂଳରେ ମହାରାଜା ଚୋଡ଼ଗଙ୍ଗଦେବଙ୍କ ଶାସନକାଳରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମିତ ହୋଇଥିଲା। ତାଙ୍କ ସମୟ ତୁଙ୍ଗ ବଂଶର ରାଜାଙ୍କ ସମୟଠାରୁ ହାରାହାରି ୨୦୦ ବର୍ଷ ପୁରାତନ। ତେଣୁ କେତେକ ଲେଖକ ଏହି ମନ୍ଦିରକୁ ସର୍ବପ୍ରାଚୀନ ମନ୍ଦିର ବୋଲି ମତ ଦେଇଛନ୍ତି। ଓଡ଼ିଶାରେ ସୂର୍ଯ୍ୟବଂଶର ଶାସନ କାଳରେ କେଶିୟାଡ଼ିଠାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଥିବା ଜଣାଯାଏ। ଏହାପରେ ବଙ୍ଗଳାର ଜମିଦାରମାନେ ନିଜ ନିଜ ଅଧୀନରେ ଥିବା ଅଞ୍ଚଳରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ।

ପଶ୍ଚିମବଙ୍ଗର ଚର୍ଚ୍ଚିତ ମନ୍ଦିରଗୁଡ଼ିକ ମେଦିନୀପୁର, ହାଓଡା, ଉତ୍ତର ଚବିଶପ୍ରଗଣା, ଦକ୍ଷିଣ ଚବିଶପ୍ରଗଣା, ମୁର୍ଶିଦାବାଦ, ପୁରୁଲିଆ, କଲିକତା ସହରର କେତେକ ସ୍ଥାନ, ଜଲପାଇଗୁଡ଼ି, ମାଲଦା ଓ ଦାର୍ଜିଲିଂରେ ଦେଖାଯାଏ।

**ଲୁହା ରଥରେ ହୁଏ ରଥଯାତ୍ରା:** ହୁଗୁଳି ଜିଲାର ଶ୍ରୀରାମପୁରର ମାହେଶ ଜଗନ୍ନାଥ ମନ୍ଦିରର ରଥଯାତ୍ରା ପ୍ରସିଦ୍ଧି ଲାଭ କରିଛି। ଷୋଡ଼ଶ ଶତାବ୍ଦୀରେ ବୈଷ୍ଣବାଚାର୍ଯ୍ୟ କମଳାକର ପିପଲାଇ ଏହି ମନ୍ଦିର ନିର୍ମାଣ କରାଇଥିଲେ। ଏଠାରେ ଲୁହାରେ ନିର୍ମିତ ରଥରେ ରଥଯାତ୍ରା ହୁଏ। ପ୍ରଥମେ ଏହି ରଥ ୧୮୮୫ ମସିହାରେ ନିର୍ମିତ ହୋଇଥିଲା। ସେହିପରି ମେଦିନୀପୁରର ମହିଷାଦଳର ରାଜବାଡ଼ିରେ ଥିବା ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଅନ୍ୟ ଏକ ଚର୍ଚ୍ଚିତ ରଥଯାତ୍ରା। ରାଣୀ ଜାନକୀ ଦେବୀ ୧୭୭୪ ମସିହାରେ ଏକ ନୂଆ ପରମ୍ପରା ଆରମ୍ଭ କରିଥିଲେ। ରଥଯାତ୍ରାରେ ଶ୍ରୀମଦନଗୋପାଳ ଓ ଶ୍ରୀଜଗନ୍ନାଥ ରଥରେ ବିଜେ କରନ୍ତି।

**ମାସୀରବାଡ଼ି:** ପୁରୀରେ ଶ୍ରୀବିଗ୍ରହମାନେ ତିନୋଟି ରଥରେ ବିଜେ କରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରନ୍ତି। ମାତ୍ର ବଙ୍ଗଳାରେ ଅନେକେ ମନେକରନ୍ତି, ଶ୍ରୀଜଗନ୍ନାଥ ମାଉସୀଘରକୁ (ମାସୀରବାଡ଼ି) ଯାଉଛନ୍ତି। ଏହି ଧାରଣାର ଐତିହ୍ୟ ବିଶେଷ କିଛି ନାହିଁ। ମନେହୁଏ ଏହା ଏକ ଭ୍ରମ ଧାରଣା। ତେବେ କଂସାବତୀ ନଦୀ କୂଳରେ ଯେଉଁ ମନ୍ଦିର ନିର୍ମିତ ହୋଇଥିଲା, ତାହା ନଈବଢ଼ିରେ ନଷ୍ଟ ହୋଇଯାଇଥିଲା। ୧୮ଶ ଶତାବ୍ଦୀରେ ଏହା ପୁନଃ ନିର୍ମିତ ହୋଇଅଛି। ସେହିପରି ମେଦିନୀପୁରର ସୁଜାଗଞ୍ଜ ପଲ୍ଲୀର ଭୀମତଳା ଚକରେ ୧୮୫୧ ମସିହାରେ ନିର୍ମିତ ମନ୍ଦିରଟି ୭୦ଫୁଟ ଉଚ୍ଚତା ବିଶିଷ୍ଟ।

ମେଦିନୀପୁରର ବାସୁଦେବପୁର ଗ୍ରାମରେ ଇଟାରେ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ରହିଅଛି। ଚୋରା ବାଗାନଠାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ବୈଚିତ୍ର୍ୟପୂର୍ଣ୍ଣ। ଦେଖିବାକୁ ଗୀର୍ଜା ପରି। ପରମଭକ୍ତ ନୀଳ ମଲ୍ଲିକ ୧୮୨୧ ମସିହାରେ ଏହି ମନ୍ଦିର ନିର୍ମାଣ କରାଇଥିଲେ। ତାଙ୍କ ମାମୁଘରୁ ଯେଉଁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସେ ଉପହାର ଭାବେ ପାଇଥିଲେ, ସେହି ବିଗ୍ରହ ଏଠାରେ ପୂଜା ପାଉଛନ୍ତି।


**ରଥମେଳା:** ଦାନ୍ତନଠାରେ ଜଗନ୍ନାଥ ସଡ଼କ ଦାଢ଼ରେ ଶ୍ରୀଚୈତନ୍ୟ ୧୫୦୯ ମସିହାରେ ବିଶ୍ରାମ ନେଇଥିଲେ। ସେହି ସ୍ଥାନରେ ଓଡ଼ିଶାର ସୂର୍ଯ୍ୟବଂଶୀ ରାଜା ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ। ବୌ–ବଜାରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ଐତିହ୍ୟ ସମ୍ପର୍କରେ ଜବ୍‌ଚାର୍ଣ୍ଣକ ତାଙ୍କ ବିବରଣୀରେ ଉଲ୍ଲେଖ କରିଛନ୍ତି। ସେତେବେଳେ ରଥଯାତ୍ରାକୁ 'ରଥମେଳା' ବସେ ବୋଲି ଲେଖିଛନ୍ତି।

ଜବ୍ ଚାର୍ଣ୍ଣକଙ୍କ ବିବରଣୀରେ ଶିଆଳଦହ ଶ୍ରୀଜଗନ୍ନାଥ ମନ୍ଦିର କଥା ସ୍ଥାନ ପାଇଛି। ଶିଆଳଦହର ବୈଠକଖାନାରେ ଗୋଟିଏ ଗଛତଳେ ବସି ବ୍ୟବସାୟ ପରିଚାଳନା କରୁଥିବା ସମୟରେ ୧୬୯୩ ମସିହାରେ ୭୦ଫୁଟ୍ ଉଚ୍ଚତାର କାଠରଥରେ ଶ୍ରୀଜଗନ୍ନାଥଙ୍କୁ ବିଜେ କରାଯାଇ ରଥଯାତ୍ରା ହେଉଥିଲା ବୋଲି ଲେଖିଛନ୍ତି। ଏହି ରଥକୁ ବୌବଜାର ଦେଇ ଗଙ୍ଗାନଦୀ କୂଳକୁ ନିଆଯାଇଥିଲା। ସେ ନିଜ ଆଖିରେ ଦେଖିଥିବା କଥା ସ୍ୱୀକାର କରି ରଥଟଣାବେଳେ ବିଭିନ୍ନ ଭାଷାଭାଷୀ ଭକ୍ତଙ୍କ ସହିତ ବହୁ ଓଡ଼ିଆ ଭକ୍ତ ଥିଲେ ବୋଲି ଲେଖିଛନ୍ତି।

ଦକ୍ଷିଣ ଦିନାଜପୁର ଜିଲାର ହାତଖୋଲା ଶ୍ରୀଜଗନ୍ନାଥ ମନ୍ଦିରଟି 'ରଥବାଡ଼ି ଆଶ୍ରମ'ରେ ଅବସ୍ଥିତ। ମନ୍ଦିର ପରିସରକୁ ରଥବାଡ଼ି ବହୁ ପ୍ରାଚୀନ କାଳରୁ କୁହାଯାଉଥିଲା। ଏଠାରେ ରଥଯାତ୍ରା ମୁଖ୍ୟ ଉତ୍ସବ ଥିଲା। ପରେ ଏହା ବନ୍ଦ ହୋଇଯାଇଥିଲା। ୧୯୭୪ ମସିହାଠାରୁ ପୁନଃ ରଥଯାତ୍ରା ଅନୁଷ୍ଠିତ ହେଉଅଛି।

ପଶ୍ଚିମବଙ୍ଗରେ ୨୦୧୦ ମସିହା ପୂର୍ବରୁ ୯୫ଟି ମନ୍ଦିର ଥିଲା ବୋଲି ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ଲିଖିତ ତଥା ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରକାଶିତ 'ଓଡ଼ିଶା, ଭାରତ ଓ ଭାରତ ବାହାରେ ଶ୍ରୀଜଗନ୍ନାଥ ମନ୍ଦିର' ପୁସ୍ତକରୁ ଜଣାପଡ଼େ। ତେବେ ବର୍ତ୍ତମାନ ପଶ୍ଚିମବଙ୍ଗରେ ଆଉ ୧୧ଟି ନୂଆ ମନ୍ଦିର ନିର୍ମିତ ହୋଇଥିବାର ତଥ୍ୟ ଉପଲବ୍ଧ ଅଛି। ତେବ ଓଡ଼ିଶା ପରେ ସମଗ୍ର ଭାରତରେ ସବଠୁ ଅଧିକ ଶ୍ରୀଜଗନ୍ନାଥ ମନ୍ଦିର ପଶ୍ଚିମବଙ୍ଗରେ ରହିଛି। ସାଂସ୍କୃତିକ ସଂହତି ଓ ସଦ୍‌ଭାବନାର ଏହା ଜ୍ୱଳନ୍ତ ନିଦର୍ଶନ।

— **ଶ୍ରେୟା ହାଲଦାର**, ବେଲଘରିଆ, କୋଲକାତା










# ହାଃ ହାଃ

## କଟା ଘା

ସ୍ୱାମୀ ସ୍ତ୍ରୀକୁ– ତୁମ ବାପାଙ୍କର କଟାଘା'ରେ ଚୁନ ମାରିବା ଗୁଣ ଆଜିଯାଏଁ ଗଲାନି।
ସ୍ତ୍ରୀ– ଏମିତି କ'ଣ କହୁଛ ? ମୋ ବାପା ଏମିତି କ'ଣ କଲେକି ?
ସ୍ୱାମୀ– ଆଜି ସେ ପୁଣି ମତେ ପଚାରୁଥିଲେ, ମୋ ଝିଅକୁ ବାହା ହୋଇ ଖୁସିରେ ଅଛ ତ ?

## ମଶା

ମଣ୍ଟୁ ରୋଜିକୁ– ରାତିରେ ଏତେ ମଶା ହେଉଛନ୍ତି ଯେ, ଶୋଇବାକୁ ଦେଉ ନାହାନ୍ତି। କ'ଣ କରିବି କହିଲୁ।
ରୋଜି– ଗୋଟେ କାମ କର। ଶୋଇବା ପୂର୍ବରୁ ଗୋଟେ ମଶାକୁ ମାରିଦେ। ଅନ୍ୟ ମଶା ତାକୁ ଧରି କାନ୍ଦିବା ସହ ତା' ଅନ୍ତିମ ସଂସ୍କାର କରିବାରେ ବ୍ୟସ୍ତ ରହିବେ। ଆଉ ତୁ ଆରାମରେ ଶୋଇପଡ଼ିବୁ।

## ଏମ୍‌ଏ

ମହେଶ ନବକୁ– ଆରେ ଦୁଇ ମାସ ତଳେ ମୁଁ ତୋ ନମ୍ବର ପ୍ଲେଟ୍‌ରେ ଦେଖିଥିଲି ବିଏ ଲେଖାଥିଲା। ଏବେ କ'ଣ ଏମ୍‌ଏ ଲେଖି ଦେଲୁଣି। ଦୁଇ ମାସରେ କ'ଣ ତୁ ଦୁଇ ବର୍ଷର ଡିଗ୍ରୀ ହାସଲ କରିଦେଲୁ ?
ନବ– ନା ସେମିତି କିଛି ନୁହଁ। ଦୁଇ ମାସ ତଳେ ମୋ ସ୍ତ୍ରୀ ବାପଘର ଯାଇଥିଲା। ତେଣୁ ଲେଖିଥିଲି ବ୍ୟାଚଲର୍‌ ଅଗେନ୍‌(ବିଏ)। ଏବେ ସେ ଆସିଗଲାଣି। ତେଣୁ ଲେଖିଦେଲି ମ୍ୟାରେଡ୍‌ ଅଗେନ୍‌(ଏମ୍‌ଏ)।

ମଡେଲ ମିରର୍‌ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



# ମହୀଶୂର ଚାମୁଣ୍ଡେଶ୍ୱରୀ ମନ୍ଦିର

**ଭାରତବର୍ଷର ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି କର୍ଣ୍ଣାଟକ ରାଜ୍ୟର ମହୀଶୂର ସହର। ମହୀଶୂରର ରାଜ ଉଆସ, ବିଶାଳ ରାଜଭବନ, ବୃନ୍ଦାବନ ଗାର୍ଡେନ ସହିତ ଏଠାକାର ଚାମୁଣ୍ଡି ପାହାଡ଼ ଉପରେ ଥିବା ଚାମୁଣ୍ଡେଶ୍ୱରୀ ମନ୍ଦିରଟି ବିଶ୍ୱର ସମସ୍ତ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ...**

କର୍ଣ୍ଣାଟକର ମହୀଶୂର ସହରରୁ ପ୍ରାୟ ୧୩ କି.ମି. ଗଲେ ପଡ଼େ ଚାମୁଣ୍ଡି ପାହାଡ଼। ଆଉ ଏହି ପାହାଡ଼ ଉପରେ ରହିଛି ପ୍ରସିଦ୍ଧ ଚାମୁଣ୍ଡେଶ୍ୱରୀ ମନ୍ଦିର, ଯାହାକିଏକ ଶକ୍ତିପୀଠ ଭାବେ ମଧ ପରିଚିତ। କିମ୍ବଦନ୍ତୀ ଅନୁଯାୟୀ, ଦକ୍ଷ କନ୍ୟା ସତୀ ପିତାଙ୍କ ଅନିଚ୍ଛା ସତ୍ତ୍ୱେ ବିବାହ କରିଥିଲେ ଦେବ ଦେବ ମହାଦେବଙ୍କୁ। ଥରେ ପିତାଙ୍କ ଯଜ୍ଞରେ ବିନା ନିମନ୍ତ୍ରଣରେ ପହଞ୍ଚିଲା ପରେ ନିଜ ପତିଙ୍କ ଅପମାନ ସହି ନ ପାରି ସେହି ଯଜ୍ଞକୁଣ୍ଡରେ ଆତ୍ମାହୁତି ଦେଲେ ସତୀ। ନିଜର ପ୍ରାଣପ୍ରିୟା ପତ୍ନୀଙ୍କ ମୃତ୍ୟୁର ଖବର ପାଇ ପ୍ରଚଣ୍ଡ କ୍ରୋଧିତ ମହାଦେବ ଯଜ୍ଞସ୍ଥଳରେ ପହଞ୍ଚି ଦକ୍ଷଙ୍କୁ ହତ୍ୟାକରି ଯଜ୍ଞ ନଷ୍ଟକରିବା ପରେ ସତୀଙ୍କର ମୃତ ଶରୀରକୁ କାନ୍ଧରେ ପକେଇ ତାଣ୍ଡବ ନୃତ୍ୟକରି ପୃଥିବୀ ସାରା ଘୁରି ବୁଲିବାରୁ ପୃଥିବୀ ଥରହର କମ୍ପିଉଠିଲା। ଶେଷରେ ଦେବଗଣଙ୍କ ଅନୁରୋଧରେ ପ୍ରଭୁ ବିଷ୍ଣୁଙ୍କୁ ମହାଦେବଙ୍କ କାନ୍ଧରେ ଥିବା ସତୀଙ୍କର ମୃତ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ପକାଇବାକୁ ପଡ଼ିଥିଲା ଶିବଙ୍କ ରାଗ ଶାନ୍ତ କରିବା ପାଇଁ। ମାତା ସତୀଙ୍କ ଶରୀରର ଅଂଶମାନ ଯେଉଁ ଯେଉଁ ସ୍ଥାନରେ ପଡ଼ିଲା ପରବର୍ତ୍ତୀ ସମୟରେ ସେଠାରେ ଗଢ଼ି ଉଠିଥିଲା ଶକ୍ତିପୀଠମାନ। କଥିତ ଅଛି ଯେ, ବିଷ୍ଣୁଙ୍କ ଚକ୍ରରେ ଛେଦିତ ମାତା ସତୀଙ୍କ ମୃତଶରୀରର କେଶଗୁଚ୍ଛ ଏହି ସ୍ଥାନରେ ପତିତ ହୋଇଥିଲା। ତେଣୁ ପରେ ଏହା ଏକ ପରମ ପବିତ୍ର ଶକ୍ତିପୀଠ ଭାବରେ ପରିଗଣିତ ହେଲା।

### ନାମକୁ ନେଇ କିମ୍ବଦନ୍ତୀ

ମନ୍ଦିରର ଏପରି ନାମକରଣକୁ ନେଇ ଥିବା କିମ୍ବଦନ୍ତୀ କହେ ଯେ, ଏକଦା ଦୁଷ୍ଟ ମହିଷାସୁରର ଅତ୍ୟାଚାରରେ ଅତିଷ୍ଠ ହୋଇ ଦେବଗଣ ହେମଗିରି ପର୍ବତରେ ଯଜ୍ଞ ଆୟୋଜନ କଲେ। ଯଜ୍ଞ ଅଗ୍ନିରୁ ସମ୍ଭୂତା ଦେବୀ ଦୁର୍ଗାଙ୍କୁ ନିଜ ନିଜର ଅସ୍ତ୍ରଶସ୍ତ୍ର ସହ ସିଂହ ବାହନ ଦେଇ ମହିଷାସୁରକୁ ବଧକରି ପୃଥିବୀର ଭାରା ନିବାରଣ କରିବା ନିମନ୍ତେ ସ୍ତୁତି କଲେ। ସେମାନଙ୍କ ଅନୁରୋଧ ରକ୍ଷାକରି ଜଗତ୍‌ଜନନୀ ମା'ଦୁର୍ଗା ଏହି ଚାମୁଣ୍ଡି ପର୍ବତର ଶୀର୍ଷରେ ପ୍ରବଳ ପ୍ରତାପୀ ମହିଷାସୁର ସହ ୧୦ଦିନ ଧରି ଯୁଦ୍ଧକରି ଶେଷରେ ତାକୁ ବଧ କରିଥିଲେ। ସେହି ତଥ୍ୟ ଅନୁଯାୟୀ, ଏଠାରେ ମହିଷାସୁରର ଏକ ବିରାଟ ପ୍ରତିମୂର୍ତ୍ତି ଥିବାର ଦେଖିବାକୁ ମିଳେ। ସେହିପରି କଥିତ ଅଛି ଯେ, ମହିଷାସୁରର ସେନାପତି ରକ୍ତବୀର୍ଯ୍ୟକୁ ବଧକରିବା ନିମନ୍ତେ ଦେବୀ ଚାମୁଣ୍ଡା ରୂପ ଧାରଣକରି ରକ୍ତବୀର୍ଯ୍ୟର ରକ୍ତପାନ କରିଥିଲେ, ତେଣୁ ମାତା ଏଠାରେ ଚାମୁଣ୍ଡେଶ୍ୱରୀ ନାମରେ ପୂଜିତ ହେଉଛନ୍ତି।

### ମନ୍ଦିର ନିର୍ମାଣର ଇତିହାସ

ଐତିହାସିକ ତଥ୍ୟ ଅନୁଯାୟୀ, ମା'ଚାମୁଣ୍ଡେଶ୍ୱରୀ ଦେବୀଙ୍କ ମୂଳ ମନ୍ଦିରଟି କୁଆଡ଼େ ଦ୍ୱିତୀୟ ଶତାବ୍ଦୀରେ ନିର୍ମାଣ କରାଯାଇଥିଲା। କିନ୍ତୁ ପୁରୁଣା ନନ୍ଦୀ ମୂର୍ତ୍ତିଙ୍କ ଫଟୋ ବ୍ୟତୀତ ଏହାର କୌଣସି ଠିକ୍ ତଥ୍ୟ ମିଳେନାହିଁ। ବରଂ ଏହି ପୁରାତନ ମନ୍ଦିରଟି ଦ୍ୱାଦଶ ଶତାବ୍ଦୀରେ ହୟଶାଳ ବଂଶର ରାଜାମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା ବୋଲି ଐତିହାସିକ ପ୍ରମାଣ ମିଳେ। ସେହି ଐତିହାସିକ ତଥ୍ୟ ଅନୁଯାୟୀ, ସପ୍ତଦଶ ଶତାବ୍ଦୀରେ ବିଜୟନଗର ସାମ୍ରାଜ୍ୟର ରାଜାମାନଙ୍କ ଦ୍ୱାରା କୁଆଡ଼େ ଏହି ମନ୍ଦିରଟି ପୁନଃ ନିର୍ମିତ ହୋଇଥିଲା। ତା'ସହ ମନ୍ଦିରର ମିନାର ଏବଂ ଭାଙ୍ଗିରୁଜି ଯାଇଥିବା ବିରାଟ ନନ୍ଦୀଙ୍କର ମୂର୍ତ୍ତିକୁ ମରାମତି କରାଯାଇଥିଲା। ସେହିପରି ଭୂମିରୁ ପ୍ରାୟ ୩୦୦୦ ଫୁଟ ଉଚ୍ଚତାରେ ଥିବା ଏହି ମନ୍ଦିରକୁ ସଂଯୋଗ କରୁଥିବା ପ୍ରାୟ ୧୦୦୦ ପାହାଚକୁ ୧୬୫୯ ମସିହାରେ ନିର୍ମାଣ କରାଯାଇଥିବାର ବି ତଥ୍ୟ ରହିଛି। ଏଠାରେ ମହାଦେବଙ୍କ ବାହନ ନନ୍ଦୀଙ୍କର ଏକାଧିକ ମୂର୍ତ୍ତି ଥିବାର ଦେଖିବାକୁ ମିଳେ। ତନ୍ମଧ୍ୟରୁ ମନ୍ଦିରକୁ ଯିବା ପାଇଁ ଥିବା ୭୦୦ତମ ପାହାଚ ନିକଟରେ ରହିଥିବା ୨୪ ଫୁଟ ଲମ୍ବା ଓ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ଗ୍ରାନାଇଟ୍ ପଥରରେ ନିର୍ମିତ ନନ୍ଦୀ ମୂର୍ତ୍ତିଟି ଭକ୍ତଗଣଙ୍କୁ ଖୁବ୍ ଆକୃଷ୍ଟ କରିଥାଏ।

### ମନ୍ଦିରର ଗଠନ ଶୈଳୀ

ମା' ଚାମୁଣ୍ଡେଶ୍ୱରୀଙ୍କ ମୁଖ୍ୟ ମନ୍ଦିରଟି ଚତୁଷ୍କୋଣୀୟ। ଏହା ଦ୍ରାବିଡ଼ ଶୈଳୀରେ ନିର୍ମିତ। ଏଥିରେ ରହିଛି ମୁଖ୍ୟ ଦ୍ୱାର, ନବରଙ୍ଗ ହଲ୍, ଅନ୍ତରାଳ ମଣ୍ଡପ, ଠାକୁରାଣୀଙ୍କ ଆସ୍ଥାନ ଏବଂ ପ୍ରକାର ବା ପ୍ରଭା। ପ୍ରବେଶ ଦ୍ୱାର ସମ୍ମୁଖରେ ରହିଛି ପିରାମିଡ୍ ଭଳି ସାତସ୍ତରୀୟ ଗୋପୁର ଏବଂ ଆସ୍ଥାନ ଉପରେ ରହିଛି ଏକ ଛତ୍ର (ବିମାନ)। ମନ୍ଦିରର ଦ୍ୱାରଟି ସମ୍ପୂର୍ଣ୍ଣ ଭାବରେ ରୁପା ଛାଉଣି ହୋଇ ସେଥିରେ ମା'ଙ୍କର ଅନେକ ରୂପ ଖୋଦିତହୋଇଛି। ଦ୍ୱାରର ଦକ୍ଷିଣକୁ ରହିଛି ଶ୍ରୀଗଣେଶଙ୍କର ଏକ ଛୋଟ ମୂର୍ତ୍ତି। ଦ୍ୱାରର ଦୁଇ ପାର୍ଶ୍ୱରେ ରହିଛନ୍ତି ଦୁଇ ଦ୍ୱାରପାଳ। ଟିକିଏ ଆଗକୁ ରହିଛି ଏକ ପିଢ଼ା ଭଳି ଆକୃତି; ଯେଉଁଥିରେ ମା'ଙ୍କର ପାଦ ଚିହ୍ନ ରହିଛି। ଆସ୍ଥାନକୁ ସାମ୍ନାକରି ରହିଛି ଏକ ଛୋଟ ନନ୍ଦୀ ମୂର୍ତ୍ତି। ମନ୍ଦିରର ଭିତର କାନ୍ଥକୁ ଲାଗି ରହିଛନ୍ତି ଆଞ୍ଜନେୟ ହନୁମାନ। ଦୁଇ ପାର୍ଶ୍ୱରେ ରହିଛନ୍ତି ଦିଗପାଳକ ନନ୍ଦିନୀ ଏବଂ କମଳିନୀ। ମନ୍ଦିରର ଶୀର୍ଷ ଦେଶରେ ରହିଛି ସାତଟୋଟି ସୁବର୍ଣ୍ଣ କଳସ ସହ ମନ୍ଦିରର ବିରାଟ ଧ୍ୱଜା। ସେହିପରି ମହାଦେବଙ୍କୁ ସମର୍ପିତ ଏକ ମନ୍ଦିର ବି ରହିଛି ଏଠାରେ। ପୁଣି ପାହାଡ଼ର ପାଦଦେଶରେ ରହିଛି ମା' ଚାମୁଣ୍ଡେଶ୍ୱରୀଙ୍କ ଭଗିନୀ ଜ୍ୱାଳା ମାଳିନୀ ଶ୍ରୀ ତ୍ରିପୁରା ସୁନ୍ଦରୀଙ୍କର ଛୋଟ ମନ୍ଦିରଟିଏ। ପାହାଡ଼ର ଶୀର୍ଷଦେଶରୁ ମହୀଶୂର ପ୍ୟାଲେସ ଏବଂ କରଞ୍ଜି ଲେକ୍ ଖୁବ୍ ସୁନ୍ଦର ଭାବରେ ଦୃଶ୍ୟମାନ ହୁଏ।


### ପୂଜାପାର୍ବଣ

ଆଷାଢ଼ ଶୁକ୍ରବାର, ଦୁର୍ଗାପୂଜା, ଚାମୁଣ୍ଡି ଜୟନ୍ତୀ ହେଉଛି ଏହି ମନ୍ଦିରର ପ୍ରସିଦ୍ଧ ପାର୍ବଣ। ଏହି ଚାମୁଣ୍ଡି ଜୟନ୍ତୀ ଦିନ ମା'ଙ୍କର ସ୍ୱର୍ଣ୍ଣ ନିର୍ମିତ ଚଳନ୍ତି ପ୍ରତିମା ମହୀଶୂରର ମହାରାଜାଙ୍କ ପ୍ରଦତ୍ତ ସ୍ୱର୍ଣ୍ଣ ଅଳଙ୍କାରରେ ସୁସଜ୍ଜିତହୋଇ ଏକ ସ୍ୱତନ୍ତ୍ର ସୁନା ଛାଉଣି ହୋଇଥିବା ପାଲିଙ୍କିରେ ବସି ମନ୍ଦିର ପରିକ୍ରମା କରିଥାନ୍ତି। ଶାରଦୀୟ ଦୁର୍ଗାପୂଜା ବା ଦଶହରା ମହୀଶୂରର ଏକ ପ୍ରସିଦ୍ଧ ପର୍ବ। ନବରାତ୍ରିରେ ଦେବୀ ନବଦୁର୍ଗାଙ୍କର ନଅଟି ବେଶ ହୋଇ ପୂଜା ପାଆନ୍ତି। ନବରାତ୍ରିର ସପ୍ତମୀ ଦିନ ଦେବୀ କାଳରାତ୍ରି ରୂପରେ ପୂଜା ପାଆନ୍ତି ଏବଂ ଏହିଦିନ ମହୀଶୂର ରାଜାଙ୍କ ଉଆସରେ ଥିବା ଟ୍ରେଜେରିରୁ ରାଜାଙ୍କର ପ୍ରଦତ୍ତ ସୁନା, ରୁପା, ହୀରା, ନୀଳା, ମୋତି, ମାଣିକ୍ୟ ଖଚିତ ଗହଣା ସବୁ ଅଣାଯାଇ ଦେବୀଙ୍କୁ ବେଶ କରାଯାଏ।

### କେବେ ଓ କେମିତି ଯିବେ

ଚାମୁଣ୍ଡେଶ୍ୱରୀ ମନ୍ଦିରଟି ମହୀଶୂର ସହରର ମୁଖ୍ୟ ସଡ଼କଠାରୁ ପ୍ରାୟ ୧୩ କି.ମି. ଏବଂ ବେଙ୍ଗାଲୁରୁଠାରୁ ପ୍ରାୟ ୧୫୪ କି.ମି. ଦୂରରେ ଅବସ୍ଥିତ। ଏହାର ନିକଟତମ ରେଳଷ୍ଟେଶନ ହେଉଛି ମହୀଶୂର ଜଙ୍କସନ୍ ରେଲୱେ ଷ୍ଟେଶନ ଏବଂ ନିକଟତମ ବିମାନବନ୍ଦର ହେଉଛି ମହୀଶୂର ଏୟାରପୋର୍ଟ। ଏଥିସହ ସହରର ସମସ୍ତ ସ୍ଥାନରୁ ସିଟି ବସ୍ ସେବା ମଧ ରହିଛି। ପର୍ଯ୍ୟଟକଙ୍କ ରହିବା ପାଇଁ ମଧ ଏଠାରେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଛି। ଭକ୍ତଙ୍କ ପାଇଁ ମା' ଚାମୁଣ୍ଡେଶ୍ୱରୀଙ୍କ ଦର୍ଶନ ସମୟ ରହିଛି ସକାଳ ୭.୩୦ରୁ ଦ୍ୱିପ୍ରହର ୨ଟା, ଅପରାହ୍ନ ୩.୩୦ରୁ ସନ୍ଧ୍ୟା ୬ଟା ଏବଂ ସନ୍ଧ୍ୟା ୭.୩୦ରୁ ରାତ୍ରି ୯ଟା ପର୍ଯ୍ୟନ୍ତ।

-ସୁଷମା ପରିଜା
ମୋ: ୯୩୩୭୨୭୨୬୪୭





# ଟି-ଶାର୍ଟର କଥା



କାଜୁଆଲ୍ ଲୁକ୍ ପାଇଁ ବେଶି ପସନ୍ଦ କରାଯାଏ ଟି-ଶାର୍ଟକୁ । ଏହାକୁ ପିନ୍ଧିବା ଯେମିତି ସହଜ, ସେମିତି ଆରାମଦାୟକ ବି । ଯେଉଁଥିପାଇଁ ଏହାର ଆଦର ପିଲାଠୁ ବୟସ୍କଯାଏ ସବୁବର୍ଗରେ ରହିଛି । ହେଲେ କେବେ ଭାବିଛନ୍ତି କି ଏହି ଟି-ଶାର୍ଟର ଇତିହାସ କ'ଣ? ଏଥର ଜାଣନ୍ତୁ ଏ ସମ୍ପର୍କରେ...

**ଜା**ଣନ୍ତି କି ଏବେ ଯେଉଁ ଟି-ଶାର୍ଟକୁ ଫ୍ୟାଶନେବଲ ପୋଷାକଭାବେ ଗଣନା କରାଯାଉଛି ପ୍ରଥମେ ତାହା ଅଣ୍ଡରଗାର୍ମେଣ୍ଟ ବା ଅନ୍ତଃବସ୍ତ୍ର ଭାବେ ବ୍ୟବହାର ହେଉଥିଲା । ଆଉ ସମୟ କ୍ରମେ ତାହା ମୁଖ୍ୟ ପୋଷାକରେ ପରିଣତ ହେଲା । ତେବେ କେମିତି ହେଲା ତା'ପଛର କଥା ହେଉଛି -ଊନବିଂଶ ଶତାବ୍ଦୀରେ ଆମେରିକାର ଶ୍ରମିକମାନେ ଜମ୍ପସୁଟ ପିନ୍ଧୁଥିଲେ । କୁହାଯାଏ ଗରମରୁ ବଞ୍ଚିବା ପାଇଁ କିଛି ଶ୍ରମିକ ନିଜ ଜମ୍ପସୁଟକୁ ଦୁଇ ଭାଗରେ ବିଭକ୍ତ କରିଦେଲେ । ଉପରଭାଗକୁ ଏତିକି ଲମ୍ବା ରଖିଲେ ଯେମିତିକି ତଳଭାଗର ଟ୍ରାଉଜର୍‌ର ବେଲ୍ଟରେ ତାକୁ ଖୋସିହେବ । ପରେ ଅନ୍ୟ ଶ୍ରମିକମାନେ ବି ଏମିତି ପିନ୍ଧିବା ଆରମ୍ଭ କଲେ । ଖଣିରେ କାମ କରୁଥିବା ଶ୍ରମିକ ଓ ଜାହାଜରେ ଜିନିଷ ଅପଲୋଡ ଅନଲୋଡ କରୁଥିବା ଶ୍ରମିକମାନେ ବି ଏହିଭଳି ପୋଷାକ ପିନ୍ଧିବାକୁ ଲାଗିଲେ । ଏମିତିଭାବେ ସେହି କଟାଯାଇଥିବା ଜମ୍ପସୁଟ୍‌ର ଉପରଭାଗ ପରେ ଟି-ଶାର୍ଟର ରୂପ ନେଲା । ୧୮୯୮ରେ ଟି-ଶାର୍ଟର ଉତ୍ପାଦନ ବି ଆରମ୍ଭ ହେଲା । ତେବେ ୧୯୧୩ରେ ଆମେରିକୀୟ ନୌସେନା ଏହାକୁ ପ୍ରଥମେ ଅଣ୍ଡରଗାର୍ମେଣ୍ଟଭାବେ ବ୍ୟବହାର କଲା । ନାବିକମାନେ ଏହାକୁ ପିନ୍ଧିଲେ । ବିଭିନ୍ନ ଇଣ୍ଡଷ୍ଟ୍ରୀରେ ବି ଏହା ଲୋକପ୍ରିୟ ଅନ୍ତଃବସ୍ତ୍ରଭାବେ ବ୍ୟବହାର ହେବାକୁ ଲାଗିଲା । ଚାଷ କରିବାବେଳେ ବି ଏହାକୁ ପିନ୍ଧାଗଲା । କାରଣ ଏହାକୁ ପିନ୍ଧିବା ଯେମିତି ସହଜ ଥିଲା, ସଫା କରିବା ବି ସେମିତି ସହଜ ଥିଲା । ତା'ସହ ଏହା ଅପେକ୍ଷାକୃତ ଶସ୍ତା ବି ଥିଲା । ପରେ ଦେଖିବାକୁ ମିଳିଲା କାଜୁଆଲ ପୋଷାକଭାବେ ନୌସେନାର କିଛି ଅଫିସର ୟୁନିଫର୍ମ ସହିତ ଏହି ଟି-ଶାର୍ଟ ପିନ୍ଧିବାକୁ ଲାଗିଲେ ।



**ଡିକ୍ସନାରିରେ ଟି-ଶାର୍ଟ:** ୧୯୨୦ବେଳକୁ ଟି-ଶାର୍ଟ ଶବ୍ଦ ଆମେରିକୀୟ ଇଂଲିଶର ଅଂଶ ପାଲଟିଲା । ଆଉ ଟି-ଶାର୍ଟ ଶବ୍ଦଟି 'ମରିୟମ ୱେବଷ୍ଟର ଡିକ୍ସନାରି'ରେ ସ୍ଥାନ ପାଇଲା ।

**ଲୋକପ୍ରିୟ ହେଲା:** ୧୯୫୦ରେ ଆମେରିକୀୟ ଅଭିନେତା ମୋରଲୋନ ବ୍ରାଣ୍ଡୋ ଯେବେ 'ଏ ଷ୍ଟ୍ରିଟକାର୍ ନେମ୍‌ଡ ଡିଜାୟର୍' ନାମକ ଡ୍ରାମା ଫିଲ୍ମରେ ଟି-ଶାର୍ଟକୁ ଆଉଟର୍‌ୱେର୍‌ଭାବେ ପିନ୍ଧିଲେ ଟି-ଶାର୍ଟ ଲୋକପ୍ରିୟ ହୋଇଗଲା । ଆଉ ଏହା ଫ୍ୟାଶନେବଲ ଗାର୍ମେଣ୍ଟ ଓ ଆଉଟର୍ ୱେର ଗାର୍ମେଣ୍ଟର ମାନ୍ୟତା ପାଇଲା । ତେବେ ଏହାକୁ କେବଳ ପୁରୁଷ ହିଁ କାଜୁଆଲ ପୋଷାକଭାବେ ପିନ୍ଧୁଥିଲେ ।

**ପ୍ରିଣ୍ଟେଡ ଟି-ଶାର୍ଟ:** ୧୯୬୦ବେଳକୁ ପ୍ରିଣ୍ଟେଡ ଟି-ଶାର୍ଟ ଲୋକପ୍ରିୟ ହେବାକୁ ଲାଗିଲା । ଟି -ଶାର୍ଟ ଉପରେ ପ୍ରଥମ ପ୍ରିଣ୍ଟିଂ ଏକ ରାଜନୈତିକ କ୍ୟାମ୍ପେନ ସମୟରେ କରାଯାଇଥିଲା । ଆମେରିକାର ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଲଢୁଥିବା ଥୋମାସ ଇ ଡେୱି , ଟି-ଶାର୍ଟରେ 'ଡିଉ ଉଇଥ ଡେୱି' ସ୍ଲୋଗାନ ପ୍ରିଣ୍ଟ କରାଇଥିଲେ । ଆଉ ୧୯୭୦ ମସିହା ବେଳକୁ ଟି-ଶାର୍ଟକୁ ମହିଳାମାନେ ବି ପିନ୍ଧିବାକୁ ଲାଗିଲେ ।

ପରେ ପରେ ବିଭିନ୍ନ ଡିଜାଇନ୍ ଓ ପ୍ରିଣ୍ଟର ଟି-ଶାର୍ଟ ତିଆରି ହେଲା, ଯାହାକୁ କି ଯେକୌଣସି ଅକେଜନରେ ପିନ୍ଧି ହେଲା । ଏବେ ତ ଆରାମ, ଷ୍ଟାଇଲ ପାଇଁ ଏହା ସମସ୍ତଙ୍କର ପ୍ରିୟ ପାଲଟିଛି ।

# କଫି ଆର୍ଟ



**କ**ପେ କଫି ମାଇଣ୍ଡକୁ ଫ୍ରେଶ୍ କରିଦିଏ । ସେଥିପାଇଁ ଏହା ଅନେକଙ୍କର ପ୍ରିୟ । ତେବେ ଜାଣନ୍ତି କି ଏଇ କଫିରେ ସୁନ୍ଦର ପୋର୍ଟ୍ରେଟ୍ ବି କରାଯାଉଛି, ଯାହାକୁ ଦେଖିଲେ ପିଇବାକୁ ଆଦୌ ଇଚ୍ଛା ହେବ ନାହିଁ । ବରଂ ସେହି ମାଷ୍ଟର ପିସ୍‌କୁ ସାଇତି ରଖିବାକୁ ଇଚ୍ଛା ହେବ । ଲସ୍ ଏଞ୍ଜେଲସ୍‌ର ଏକ କାଫେରେ କଫି ସର୍ଭ କରିବା କାମ କରୁଥିବା ମାଇକେଲ ବ୍ରିଚ୍ ନାମକ ଜଣେ ୨୯ ବର୍ଷୀୟ ଯୁବକ ତିଆରି କରୁଛନ୍ତି ଏଭଳି କଫି ଆର୍ଟ । ଅବସର ସମୟରେ ମଜାରେ ମଜାରେ ସହଯୋଗୀଙ୍କ କଫି ମଗ୍‌ରେ ଚିତ୍ର କରୁ କରୁ ସେ ନିଜ ଭିତରର ଏହି କଳାକୁ ଆବିଷ୍କାର କରିଥିଲେ । ଧୀରେ ଧୀରେ ସେ କଫି ମଗ୍‌ର ମୋଟା ଫେନିଳ ଏସ୍‌ପ୍ରେସୋ ଉପରେ କଲେ ଭିକ୍ଟୋରିଆ ବେକ୍‌ହାମ, ଜଷ୍ଟିନ୍ ଟିମ୍ବରଲେକ୍, ଅଡ୍ରି ହେପବର୍ନ, ପଲ୍ ମାକକାର୍ଟନୀଙ୍କ ପରି ବିଭିନ୍ନ ସେଲିବ୍ରିଟିଙ୍କ ପୋର୍ଟ୍ରେଟ୍ । ମାଇକେଲ ନିଜର ସବୁ କଫି ଆର୍ଟକୁ ଫଟୋ ଉଠାଇ ରଖନ୍ତି । ଏବେ ସେ ଏସବୁକୁ ନେଇ ଏକ ବହି ପ୍ରକାଶ କରିବାକୁ ଯାଉଛନ୍ତି । ଏହି ପ୍ରତିଭା ପାଇଁ ଏବେ ମାଇକେଲ ନ୍ୟାଶକାଫେ ଡୋଲ୍ଚି ଗୁସ୍ତୋର ବ୍ରାଣ୍ଡ ଆମ୍ବାସାଡରଭାବେ କାମ କରୁଛନ୍ତି ।





## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ପୋଲର ଉପକଥା

ଗୋଟିଏ ପରେ ଗୋଟିଏ ଏପରି ଅନେକ ପୋଲ ଭାଙ୍ଗିବାର ଖବର ଆଜିକାଲି ଢେର୍‌ସାରା ଆସୁଛି। ଯାକୁ ଦେଖି ବିରୋଧୀବାଲା ଏମିତି ଚିଲ୍ଲଉଛନ୍ତି ଯେ ଲାଗୁଛି ଯେମିତି ଦେଶରେ ଗୋଟେ ବଡ଼ ଭୂକମ୍ପ କି ପ୍ରଳୟଙ୍କରୀ ସୁନାମି ଆସିଯାଇଛି। କିହୋ ଦେଶରେ ଏମିତି ପ୍ରତିଦିନ କେଉଁଠି ସ୍କୁଲ ଛାତ ଗଳିପଡୁଛି ତ କେଉଁଠି ମେଡିକାଲ ଭୁଶୁଡ଼ି ପଡୁଛି। ଯଦି ପ୍ରତି ଘଟଣାରେ ଲୋକେ ଏମିତି ଚିଲ୍ଲେଇବେ ତେବେ କେବଳ ଗଳା ବସିବା, ବିପି ବଢ଼ିବା ସାର ହେବ ସିନା ଶାସକ ଉପରେ କିଛି ବି ପ୍ରଭାବ ପଡ଼ିବନି। ଏ ଦେଶରେ ଏ ସବୁ ଦେହସୁହା ଘଟଣା। ଯେଉଁଠି ଜଣେ ବାବାଙ୍କ ପାଦ ଧୂଳି ସଂଗ୍ରହ ପାଇଁ ଠେଲାପେଲାରେ ଦେଢ଼ଶହ ଲୋକ ପୋକମାଛି ଭଳି ଦଳିହୋଇ ମରିଯାଉଛନ୍ତି ସେଠି ସ୍କୁଲ ଛାତ ଗଳି କୋଡ଼ିଏ ପିଲା ମରିବା କ'ଣ ଗୋଟେ ଘଟଣାରେ ଗଣାଯାଏ!! ଦେଶକୁ ବିକାଶ ପଥରେ ଆଗେଇନେବାକୁ ହେଲେ ଏମିତିକା ଛୋଟ ମୋଟ ଦୁର୍ଘଟଣାକୁ ବଡ଼ ଘଟଣା କହି ପ୍ରତିବାଦ କଲେ ବିକାଶ ହେଇପାରିବନି। କିଛି ବଡ଼ ପାଇବାକୁ ହେଲେ ଛୋଟ ଛୋଟ ଘଟଣା ଦୁର୍ଘଟଣାକୁ ନଜର ଅନ୍ଦାଜ କରିବାକୁ ହୁଏ। କୃଷିର ବିକାଶ ହେଲେ ଚାଷୀ ଆତ୍ମହତ୍ୟା କରିବେ, ଶିଳ୍ପର ବିକାଶ ହେଲେ ଶ୍ରମିକ ଛଟେଇ ହେବେ, ଆର୍ଥିକ ବିକାଶ ହେଲେ ଅଶି କୋଟିରୁ ବଢ଼ି ଶହେ ଚାଳିଶ କୋଟି ଲୋକ ବିପିଏଲ ମାଗଣା ସେବା ପାଇବେ। ଦେଶର ବିକାଶ ରଥକୁ ତୀବ୍ରବେଗରେ ଦୌଡ଼େଇବାକୁ ହେଲେ ଆମ ଦୃଷ୍ଟିକୋଣକୁ ବି ସେହିପରି ବଡ଼କରି ଦୌଡ଼ାଇବାକୁ ହେବ। ଧର୍ମ ସଙ୍କଟରେ, ବାହ୍ୟ ଶତ୍ରୁଙ୍କ ଯୋଗୁ ଦେଶର ସୀମା ବିପଦରେ ଓ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ନ ଥିବାରୁ ସରକାର ଚିନ୍ତାରେ ଥିଲା ବେଳେ ଆମ ଲୋକଙ୍କ ଚିନ୍ତା ଖାଦ୍ୟ ପଦାର୍ଥର ଦରଦାମ୍ ବୃଦ୍ଧିରେ? ଛି, ଲାଜଲାଗୁଛି କହିବାକୁ। ଲୋକଙ୍କ ଏଇ ସଂକୀର୍ଣ୍ଣ ମନୋଭାବ ଯୋଗୁ ଦେଶର ବିକାଶ କେବେ ହେଁ ସ୍ପିଡ୍ ଧରୁନି। ସେପଟେ ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରାୟନର ବ୍ୟାଟେରି ଡାଉନ୍ ହେଇ ଆଉ ଷ୍ଟାର୍ଟ ହେଉନି ଏପଟେ ଲୋକେ ପଚାରୁଛନ୍ତି ଭାଇ ପେଟ୍ରୋଲ ରେଟ୍ ଟିକେ କମେଇହୁଅନ୍ତା ନାହିଁ! ଶଃ, ଏମାନଙ୍କୁ ଖାଲି ଗୋଡ଼େଇ ଗୋଡ଼େଇ ପିଟ ନ ହେଲେ ରାତିଅଧିଆ ଅଖାବାଡ଼ିଆ କର। ତା'ପରେ ଯାଇ ବାଟକୁ ଆସିବେ। ଯେମିତି ପେଟ୍ରୋଲ ଦର କୋଡିଏ ଟଙ୍କା କମେଇଦେଲେ ଏମାନେ ଦେଶ ପାଇଁ ତିନି ଚାରିଟା ନୋବେଲ ପୁରସ୍କାର ନେଇଆସିବେ। ଛୋଟ ଆଖିକୁ ଛୋଟ ଚିନ୍ତା ଆସେ। ଆଖି ବଡ଼ କର। ନିଜ କଥା ଛାଡ଼ି ପୃଥିବୀକୁ ଦେଖ। ରୁଷିଆ ୟୁକ୍ରେନ୍ ଯୁଦ୍ଧକୁ ଦେଖିଲଣି, ଆମ ଦେଶ ଏବେ କୋଡ଼ିଏଟା ବଡ଼ ବଡ଼ ଦେଶର ମୁଖିଆ ହେଇଛି, କ'ଣ ଖବର ଅଛି ତୁମ ପାଖରେ, ତିନିଟା ରାଫେଲ ଉଡ଼ାଜାହାଜ ଆସିଗଲାଣି ଆଉ ସାତଟା ଆସି ପହଞ୍ଚିଗଲେ ପାକିସ୍ତାନ ଭିତରେ ପଶି ଖାଲି ଘାଇଁ ଘାଇଁ କରିବ, ଅମ୍ବାନୀ ପୁଅ ବାହାଘର ଖର୍ଚ୍ଚ ଟଙ୍କାର ଶୂନ ଗଣୁ ଗଣୁ ତୁମ ଆଙ୍ଗୁଠି ଗାର ସରିଯିବ, କ'ଣ ବୁଝୁଛ ନା ନାହିଁ। ଏ ଆଳୁ ପିଆଜ, ପେଟ୍ରୋଲ ଭଳି ଗାଉଁଲିଆ ଚିନ୍ତା ଛାଡ଼ି ଉର୍ଦ୍ଧ୍ୱ ଚିନ୍ତା କର। ତଳକୁ ଦେଖିଲେ ଉନ୍ନତି କରିପାରିବନି। ଉପରକୁ ଦେଖ। ବିଶ୍ୱ ଜଳବାୟୁ ଦୂଷିତ ହେବାରୁ ଜହ୍ନ କେମିତି ହଳଦିଆ ଦିଶିଲାଣି। ଉତ୍ତର ମେରୁ ତରଳୁଛି, ସମୁଦ୍ରପତ୍ତନ ବଢୁଛି। ଅଧା ପୃଥିବୀ ବୁଡ଼ିଯିବ। ବଡ଼ଦାଣ୍ଡରେ ମୀନ ଖେଳିବେ। ସେ ବିଷୟରେ କ'ଣ କାହାର ଚିନ୍ତା ଅଛି। ପଚାରିଲେ କହିବେ କ'ଣ ନା ବେକାରି ସମସ୍ୟା କଥା କ'ଣ ହେଲା। ଧେତ୍ ତେରିକି, ଏମିତିକା ଛୋଟ ଚିନ୍ତା କରୁଥିବା ଲୋକ ଦେଶରେ ଥିଲେ ଶହେବର୍ଷ ଛାଡ଼ ଆଗାମୀ ଦୁଇ ଶହ ବର୍ଷ ଗଲେ ବି ଦେଶର ଉନ୍ନତି ଅସମ୍ଭବ। ବିଶ୍ୱାସ ହେଉନି ଯଦି ଲେଖିକି ରଖ, ନଚେତ ମୋ ନାଁରେ କୁକୁର ପାଳିବ। ଗତକାଲି ଜଣେ ପରିଚିତ ସାନଭାଇ ଦେଖାହେଲା। ଟିକେ ଟିକେ କଥାରେ ଦେଶଭକ୍ତି କଥା କହି ଭାବବିହ୍ୱଳ ହେଇଯିବାଟା ତା'ର ଗୋଟେ ପୁରୁଣା




ରୋଗ। ଅନ୍ୟାୟ ଦୁର୍ନୀତି କଥା ପଡ଼ିଲେ ଉତ୍ତେଜିତ ହେଇଯିବା ଭଳି ମୁଣ୍ଡଦୋଷ ତା'ର ଅଛି। ମୋତେ ଦେଖି କହିଲା–''ଜାଣିଛ ଭାଇ! ଗୋଟେ ଜାଗାରେ ଏମିତି ପୋଲ ତିଆରି ହେଇଛି, ଯାହାର ଆଖପାଖ ଦୁଇ କିଲୋମିଟର ଭିତରେ ନଈ କି ନାଳ କିଛି ନାହିଁ। ସୁଦ୍ଧୁ ଖେଳପଡ଼ିଆ ମଝିରେ ପୋଲ ତିଆରି କରିଦେଇଛନ୍ତି। ଆଉ ଆମ ଗାଁରେ କେଉଁ କାଳରୁ ପୋଲ ପାଇଁ ଦୁଇଟା ଖୁମ୍ବରୁ ତିନିଟା ହେଉ ହେଉ ଗୋଟାଏ ପିଢ଼ି ଚାଲିଗଲାଣି। ଯେଉଁଠି ଆବଶ୍ୟକ ସେଠି ପୋଲ ନାହିଁ, ଯେଉଁଠି ନଈ ନାହିଁ ସେଠି ପୋଲ ଛିଡ଼ା ହେଇଛି।'' ତା' କଥା ଶୁଣି ମୋ ପାଟିରୁ କ'ଣ ବାହାରି ଆସୁଥିଲା ଯଥାସମ୍ଭବ ଶାଳୀନତା ରକ୍ଷା କରି ତାକୁ ବୁଝେଇଲି ଦେଖ୍ ଏଇଟା ବଜାରବାଦର ଶାସ୍ତ୍ରକଥା। ପ୍ରଥମେ ଜିନିଷ ତିଆରି ହୁଏ ତା'ପରେ ସେହି ଜିନିଷ ପାଇଁ ଲୋକଙ୍କ ଭିତରେ ଆବଶ୍ୟକତା ତିଆରି କରାଯାଏ। ଏ ବର୍ଷ ବଜେଟରେ ପୋଲ ତିଆରି ହେଲା ଆରବର୍ଷ ବଜେଟରେ ନଈ ଖୋଳାହେବ। ନଅଙ୍କ ଦୁର୍ଭିକ୍ଷ ପଡିଲା ପରେ ତାଳଦଣ୍ଡା କେନାଲ ଖୋଳାହେଲା। ସରକାର ଆଗୁଆ ପୋଲ ତିଆରି କରିଦେଲେ ପଛରେ ନଈ ଖୋଳିବେ ଖାଲି ଦୁର୍ଭିକ୍ଷକୁ ଅପେକ୍ଷା। ଦେଶ ସ୍ୱାଧୀନତା ପାଇଁ ଯେଉଁ ଜାତି ମାଡ଼ ଖାଇ ଖାଇ ଶହେ ବର୍ଷ ଅପେକ୍ଷା କଲା ସେହି ଜାତି ଗୋଟେ ପୋଲ ପାଇଁ ଦଶ ପନ୍ଦର ବର୍ଷ ଅପେକ୍ଷା ନ କରିବା ଦୁର୍ଭାଗ୍ୟଜନକ। ଦୁଇ ଟଙ୍କାର କାମ ପାଇଁ ବେଳେବେଳେ ଦଶ ଟଙ୍କା ଖର୍ଚ୍ଚ କରିବାକୁ ପଡେ। ସେଥିରୁ କ'ଣ ଭାସିଗଲା? ଯଦି କିଏ ସେଥିରୁ କ'ଣ ଦି'ଟା ଖାଇଦେଲା ତେବେ ଅସୁବିଧା କେଉଁଠି ରହିଲା? ଏତେ ଈର୍ଷା କ'ଣ ପାଇଁ? ତୁ ଖାଉନୁ ତୋତେ କ'ଣ କିଏ ମନା କରୁଛି? ସରକାର ଚାହାନ୍ତି ଏକା ଏକା ସବୁ ନ ଖାଇ ଭାଗବାଣ୍ଟି ଖାଅ। ପେଟ ପୂରେଇ ଖାଅ। ମିଳିମିଶି ଖାଅ। ଦେଶରେ ଭାଇଚାରା ବଜାୟ ରହୁ। ରାବଣ ସୀତାଙ୍କୁ ହରଣ କଲାପରେ ପତ୍ନୀ ବିରହରେ ଜର୍ଜରିତ ରାମଚନ୍ଦ୍ର ଭାରତରୁ ଶ୍ରୀଲଙ୍କା ଯାଏଁ ସମୁଦ୍ର ଉପରେ ସେତୁ ତିଆରି କରିଦେଲେ। ତୋ ସ୍ତ୍ରୀକୁ କେଉଁ ରାବଣ ହରଣ କରିଛି ଯେ ପୋଲ ପାଇଁ ଏତେ ବ୍ୟସ୍ତ ହେଉଛୁ। ତ୍ରେତୟାରେ ମାଙ୍କଡ଼ମାନଙ୍କ ସହାୟତାରେ ପୋଲ ତିଆରି ହେଲା। ସେହି ଧାରା ଏଯାଏଁ ଚାଲିଛି। ମାଙ୍କଡ଼ମାନେ ଏବେ ବି ପୋଲ ତିଆରି କରୁଛନ୍ତି। ତେଣୁ ପୋଲ ତିଆରି ପରେ ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ି ପଡୁଛି। ସବୁ ଝମେଲା ସେଇ ପୋଲଠେଇରେ ଭାଇ। ନା ପୋଲ ହେଇଥାନ୍ତା ନା ରାମ ରାବଣ ଯୁଦ୍ଧ ହେଇ ଗୁଡ଼ାଏ ଲୋକ ମରିଥାନ୍ତେ ନା ଲଙ୍କା ଧ୍ୱଂସ ହେଇଥାନ୍ତା। ପ୍ରଭୁ କେବେଠୁ ଯୁଦ୍ଧ ସାରି ମାତା ସୀତାଙ୍କୁ ନେଇ ଅଯୋଧ୍ୟା ଗଲେଣି ହେଲେ ଆଜିଯାଏ ସେଇ ପୋଲକୁ ନେଇ ବାଡ଼ିଆପିଟା ସରିନି। ଥୋକେ କହୁଛନ୍ତି ଏଇଟା ସେଇ ତ୍ରେତୟା ଯୁଗର ପୋଲ ତ ଥୋକେ କହୁଛନ୍ତି ଏଇଟା କାଳେ ସମୁଦ୍ରର ପ୍ରାକୃତିକ ପ୍ରବାଳ ସେତୁ। ଯାହା କହ ଭାଇ, ସେବେ ହେଉ କି ଏବେ ହେଉ ପୋଲ ପାଇଁ ସବୁ ଝମେଲା। ସେଇଥିପାଇଁ ମୁଁ କହୁଛି ପୋଲ ତିଆରି କରି ଏତେ ଝମେଲା ନେବା ଅପେକ୍ଷା ଖାଲି କାଗଜପତ୍ରରେ ପୋଲ ତିଆରି ଦେଖେଇ ଖର୍ଚ୍ଚ ହିସାବ ବୁଝେଇଦେଲେ ହୁଅନ୍ତା ନାହିଁ!! ତା'ପରେ ଲେଉଟାଣି ଶାଗ ଭଳି ପ୍ରତିବର୍ଷ ସେହି କାଗଜପତ୍ରରେ ପୋଲ ମରାମତି କାମ ପାଇଁ ଟଙ୍କା ଖର୍ଚ୍ଚ ହେଉଥିବ। ନା ପୋଲ ଥିବ ନା ଭୁଶୁଡ଼ିବ! ନିଜ ନିଜ ଭିତରେ ଆପୋଷ ବୁଝାମଣାରେ ବାଣ୍ଟିନେଲେ ଝମେଲା ସରିଲା ଜାଣ। ଦେଶରେ ଏମିତି ଅନେକ ପୋଲ ଅଛି, ଯାହା ଭୂଗୋଳର ମାନଚିତ୍ରରେ ନାହିଁ ହେଲେ କେଉଁ ଦଶନ୍ଧିରୁ ପ୍ରତିବର୍ଷ ମରାମତି ପାଇଁ ଖର୍ଚ୍ଚ ଚାଲିଛି। ଏ ସବୁ ପୋଲର ବିଶେଷତ୍ୱ ହେଲା ଏହା କେବେବି ଭାଙ୍ଗେନି, ଯେ ପର୍ଯ୍ୟନ୍ତ କାଗଜପତ୍ରରେ ଖର୍ଚ୍ଚ ଚାଲିଛି ସେପର୍ଯ୍ୟନ୍ତ ପୋଲ ଅଛି।

ପ୍ରସିଦ୍ଧ ଇଂଲିଶ୍ କବି ଟି.ଏସ୍. ଏଲିଅଟ ଲୋକଙ୍କ ଭିତରେ ମୂଲ୍ୟବୋଧର ଅଧୋଗତିକୁ ଦେଖି ୱେଷ୍ଟ ଲ୍ୟାଣ୍ଡ କବିତାରେ ଲେଖିଥିଲେ 'ଦ ଲଣ୍ଡନ ବ୍ରିଜ୍ ଫଲିଙ୍ଗ୍ ଡାଉନ'। ଶହେ ବର୍ଷ ପରେ ବି ସେହି କବିତା ଏବେ ବି ପ୍ରାସଙ୍ଗିକ ଲାଗେ। ମଣିଷର ମଣିଷ ଉପରୁ ବିଶ୍ୱାସ ଭାଙ୍ଗୁଛି। ପରିବାର ଭାଙ୍ଗୁଛି। ସମ୍ପର୍କ ଭାଙ୍ଗୁଛି। ଯୁବଶକ୍ତିର ମନୋବଳ ଭାଙ୍ଗୁଛି। ଦାମ୍ପତ୍ୟ ଭାଙ୍ଗୁଛି। ଦେଶ ଭାଙ୍ଗୁଛି। ମାନ, ଏବେ ଭାଙ୍ଗିବା ସିଜନ ଚାଲିଛି। ଲୋକଙ୍କ ଭିତରେ ମୂଲ୍ୟବୋଧ ଓ ମଣିଷପଣିଆ ଭୁଶୁଡ଼ି ପଡୁଥିଲା ବେଳେ ପୋଲ କେଇଟା ଭାଙ୍ଗିଗଲେ କ'ଣ ଭାସିଗଲା। ଦେଶ ପୋଲା ହେବା ଯାଏ ପୋଲ ତିଆରି ଚାଲୁଥିବ। ପୂର୍ଣ୍ଣିମା ପରେ ଅମାବାସ୍ୟା ତା'ପରେ ପୁଣି ପୂର୍ଣ୍ଣିମା ଆସିବ। ଭାଙ୍ଗିବା ସିଜନ ପରେ ପୁଣି ଗଢ଼ିବା ସିଜନ ଆସିବ। ଏହା ସଂସାର ନିୟମ। ବିକାଶର ବି ସେଇ ନିୟମ। ଯାହା ଗଢ଼ାହେବ କିଛିଦିନ ପରେ ତାହା ଆପେ ଭାଙ୍ଗିବ, ତାକୁ ପୁଣି ଗଢ଼ାହେବ। ଭଙ୍ଗା-ଗଢ଼ା, ଗଢ଼ା-ଭଙ୍ଗା ଏମିତି ଚାଲୁଥିବ।

*-ବନମାଳୀ ଭବନ, ଖାନ୍ ନଗର, କଟକ, ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଶାନ୍ତିର କପୋତ

**ପ୍ରଫେସର ଶିବ ଚରଣ ନାୟକ**
**ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର-୧**
**ମୂଲ୍ୟ- ୨୯୦ଟଙ୍କା**


ପୁସ୍ତକରେ ୧୯୦୧ରୁ ୨୦୨୩ ପର୍ଯ୍ୟନ୍ତ ନୋବେଲ ପୁରସ୍କାର ପାଇଥିବା ଲୋକଙ୍କ ବିଷୟରେ ସୂଚନା ଦିଆଯାଇଛି। କେତେକ ବ୍ୟକ୍ତି ଓ ଅନୁଷ୍ଠାନ ଥରେରୁ ଅଧିକ ମଧ୍ୟ ପାଇଛନ୍ତି। ୟୁଏସ୍‌ଏ, ବ୍ରିଟେନ୍ ଓ ଜର୍ମାନୀ ବିଶ୍ୱର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ଏଥିମଧ୍ୟରୁ ଶାନ୍ତି ପାଇଁ ୧୦୪ ଥର ପୁରସ୍କାର ଦିଆଯାଇଛି। ପୁସ୍ତକରେ ବିଜେତା ଓ ସେମାନଙ୍କ ଭୂମିକା ବିଷୟରେ ଟିପ୍‌ପଣୀ ଦିଆଯାଇଛି। ଏ ଭଳି ଅନେକ କଥାର ଅବତାରଣା କରିଛନ୍ତି ଲେଖକ ନାୟକ। ଏହା ନିଶ୍ଚୟ ପାଠକୀୟତା ଲାଭ କରିବ ଏଥିରେ ସନ୍ଦେହ ନାହିଁ।




### ସାହିତ୍ୟ, ଅଭୀପ୍‌ସା ଓ ଅନନ୍ତ ସତ୍ତା

**ଲେଖକ- ନକୁଳ ଚନ୍ଦ୍ର ସାହୁ, ପ୍ରକାଶକ- କାବ୍ୟଲୋକ ଗ୍ୟାରେଜ ଛକ, ଭୁବନେଶ୍ୱର-୨, ମୂଲ୍ୟ-୨୦୦ ଟଙ୍କା**


ପୁସ୍ତକରେ ୨୦ଟି ଆଲୋଚନା ପ୍ରକାଶ ପାଇଛି। ଶେଷରେ ପ୍ରକାଶିତ ବିଷୟ ଅନୁସାରେ ପୁସ୍ତକର ନାମକରଣ କରାଯାଇଛି। ପୁସ୍ତକରେ ଭାରତୀୟ ସଂସ୍କୃତି, ପରମ୍ପରା, ଉପନିଷଦ, ଯୋଗ ଓ ସୌନ୍ଦର୍ଯ୍ୟ ଚେତନା ଉପରେ ବିସ୍ତୃତ ଭାବେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଶବ୍ଦ ସହିତ ଅର୍ଥର ସମାସ ମିଶି ହୁଏ ସାହିତ୍ୟ। ସାହିତ୍ୟ ବାକ୍‌ଙ୍କ ରସମୟ ଅସ୍ତିତ୍ୱ। ସାହିତ୍ୟର ପ୍ରଚକ୍ଷୁରେ ଦୃଶ୍ୟ ହୁଏ ସତ୍ୟ। ସତ୍ୟ ଏକ ବସ୍ତୁ ନୁହେଁ, ତତ୍ତ୍ୱ। ସାହିତ୍ୟ ରସମୟ ସୃଷ୍ଟି ଚେତନାର ସ୍ୱରୂପ। ଲେଖକ ଅନେକ ସତ୍ୟ କଥାକୁ ତାଙ୍କ ଲେଖା ମାଧ୍ୟମରେ ପ୍ରକାଶ କରିଛନ୍ତି। ପୁସ୍ତକଟି ପାଠକ ଆଉ ଗବେଷକଙ୍କ ଲାଗି ଅତ୍ୟନ୍ତ ଉପଯୋଗୀ।




### ଅନନ୍ୟ ଶିଶୁସାହିତ୍ୟ ସାଧକ ବୀରେନ୍ଦ୍ର କୁମାର ସାମନ୍ତରାୟ

**ଲେଖକ -ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରକାଶକ- କୋଣାର୍କ ପବ୍ଲିଶର୍ସ, କଟକ-୮, ମୂଲ୍ୟ-୩୨୫ଟଙ୍କା**

ଓଡ଼ିଶାର ଶିଶୁ ସାହିତ୍ୟ କ୍ଷେତ୍ରରେ ଯେଉଁମାନଙ୍କର ଜୀବନବ୍ୟାପୀ ସାଧନାର ରହିଛି, ସେମାନଙ୍କ ମଧ୍ୟରେ ବୀରେନ୍ଦ୍ର ସାମନ୍ତରାୟ ଅଗ୍ରଗଣ୍ୟ। ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ଧରି ଶିଶୁ ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରିଛନ୍ତି। ଏବେ ବି ତାଙ୍କ ଲେଖନୀ ଗତିଶୀଳ ରହିଛି। ଯାହା ଶିଶୁ ସାହିତ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରୁଛି। ସାମନ୍ତରାୟଙ୍କ ଶିଶୁ ସାହିତ୍ୟର କୃତି ସମୁହକୁ ନେଇ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ପୁସ୍ତକଟି ପ୍ରସ୍ତୁତ କରିଛନ୍ତି। ଯାହା ପାଠକ, ଗବେଷକ, ଶିଶୁ ସାହିତ୍ୟିକ ଓ ଆଲୋଚକଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା।



# ଜୁମ୍ ହୋଇପାରୁଥିବା କଣ୍ଟାକ୍ଟ ଲେନ୍ସ

ଦୃଷ୍ଟିଶକ୍ତିରେ ସମସ୍ୟା ଥିଲେ ଅନେକେ କଣ୍ଟାକ୍ଟ ଲେନ୍ସ ବ୍ୟବହାର କରନ୍ତି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏବେ ଏମିତି ଏକ ରୋବୋଟିକ୍ କଣ୍ଟାକ୍ଟ ଲେନ୍ସ ତିଆରି କରାଯାଇଛି, ଯାହାକୁ ଜୁମ୍ କରି ବହୁ ଦୂରର ଜିନିଷକୁ ଆରାମରେ ଦେଖିହେବ। ଫଳରେ ବାଇନୋକୁଲାରର ଆବଶ୍ୟକତା ପଡ଼ିବନି। ଏହାକୁ ବ୍ୟବହାର କରିବା ମଧ୍ୟ ବେଶ୍ ସହଜ। ଆଖିର ସମାନ୍ୟ ମୁଭମେଣ୍ଟରେ ଏହା କାମକରେ। ସାନ୍ ଡିଆଗୋର ୟୁନିଭର୍ସିଟି ଅଫ କାଲିଫର୍ନିଆର ବୈଜ୍ଞାନିକମାନେ ଉକ୍ତ ରୋବୋଟିକ୍ ସଫ୍ଟ କଣ୍ଟାକ୍ଟ ଲେନ୍ସ ତିଆରି



କରିଛନ୍ତି। ଆଖିକୁ ବିଭିନ୍ନ ଦିଗରେ ମୁଭମେଣ୍ଟ କରାଇ କେବଳ ଆଖିପତା ଦୁଇ ଥର ପକାଇଲେ ଏହା ଜୁମ୍ ହୋଇ ଦୂରର ଜିନିଷକୁ ଦେଖାଇଦିଏ। ଆଖି ପିତୁଳା ଉପର, ତଳ, ବାମ, ଡାହାଣ ହେଲେ ଆଖିପିତୁଳାରୁ ସୃଷ୍ଟି ହେଉଥିବା ଇଲେକ୍ଟ୍ରୋଓକ୍ୟୁଲୋଗ୍ରାଫିକ ସିଗ୍ନାଲକୁ କଣ୍ଟାକ୍ଟଲେନ୍ସରେ ଥିବା ସେନ୍ସର ମାପିନିଏ। ଆଉ ସେହି ଅନୁସାରେ ଏହା ଜୁମ୍ ଇନ୍ ଅବା ଜୁମ୍ ଆଉଟ୍ ହୋଇଥାଏ। ଆଗାମୀ ଦିନରେ ଏହି ଟେକ୍ନୋଲୋଜି ଭିଜୁଆଲ ପ୍ରୋସ୍ଥେଟିକ୍, ଆଡଜଷ୍ଟେବଲ୍ ଗ୍ଲାସେସ୍ ତିଆରିରେ ବି ବ୍ୟବହାର କରିହେବ।

ବ୍ୟାକ୍ ପେଜ୍



# ହାତୀଙ୍କ ସ୍ପା ସେଣ୍ଟର

ଭାରତରେ ହାତୀଙ୍କୁ ଭଗବାନ୍ ଗଣେଶଙ୍କ ପ୍ରତୀକଭାବେ ବିବେଚନା କରାଯାଏ। ଖାସ୍‌କରି କେରଳରେ ଦେଖିବାକୁ ମିଳେ ହାତୀଙ୍କ ପାଇଁ ସ୍ୱତନ୍ତ୍ର ଭଲ ପାଇବା। ଏଠି ହାତୀକୁ ଲୋକେ ଏତେ ଭଲ ପାଆନ୍ତି ଯେ, ତାଙ୍କ ପାଇଁ ସ୍ପା ସେଣ୍ଟର ବି ଖୋଲାଯାଇଛି। କେରଳର ଗୁରୁଭାୟୁର ଶହରରେ ଅଛି ଏହି ସ୍ପା ସେଣ୍ଟର, ଯାହାର ନାଁ ପୁନ୍ନାଥୁର କୋଟା ଏଲିଫ୍ୟାଣ୍ଟ ୟାର୍ଡ ରିଜୁଭିନେଶନ ସେଣ୍ଟର। ଏଠି ହାତୀଙ୍କୁ ପ୍ରତିବର୍ଷ ଜୁଲାଇ ମାସରେ 'ସୁଖ ଚିକିତ୍ସା' ନାମକ ଆୟୁର୍ବେଦିକ ଥେରାପି ଦିଆଯାଏ। ଏହି ଚିକିତ୍ସା ଭିତରେ ମସାଜ୍ ଦେବା, ଭଲଭାବେ ଘଷାଘଷି କରି ସ୍କ୍ରବ ବାଥ୍ କରାଇବା ସାମିଲ ଅଛି। ଏହାବାଦ୍ ହାତୀଙ୍କୁ ଭଲ ଡାଏଟ୍ ବି ଦିଆଯାଏ। ତା'ସହ ଦିଆଯାଏ ଏକ ସ୍ୱତନ୍ତ୍ର ପ୍ରକାରର ହର୍ବାଲ ଟନିକ୍, ଯାହା ତାଙ୍କୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଏଠାରେ ଏକାଥରେ ୫୦ରୁ ଉର୍ଦ୍ଧ୍ୱ ହାତୀଙ୍କୁ ସ୍ପା ଦିଆଯାଇପାରେ। ୪୮ ଦିନ ଯାଏ ହାତୀଙ୍କୁ ଏହି ସେବା ପ୍ରଦାନ କରାଯାଏ। ଏଠାରେ ହାତୀମାନେ ପାଣି ଭିତରେ ଯେଉଁଭଳିଭାବେ ମଣିଷଙ୍କଠାରୁ ସେବା ପାଆନ୍ତି ତାହା ଦେଖିବାକୁ ଭାରି ଭଲ ଲାଗେ। କେଉଁ ହାତୀ ଆରାମରେ ପାଣି ଭିତରେ





ଶୋଇ ରହିଥାନ୍ତି ତ କେଉଁ ହାତୀ ରାଜା ଭଳି ବସି ମଣିଷଠାରୁ ପାଉଥିବା ସେବାର ମଜା ଉଠାଥାନ୍ତି। ଏଭଳି ଆରାମଦାୟକ ସେବା ପାଇବା ପରେ ହାତୀଙ୍କ ମନ ଓ ଆତ୍ମା ତାଜା ହୋଇଯାଏ। ଉକ୍ତ ସ୍ପା ସେଣ୍ଟର ପ୍ରସିଦ୍ଧ ଗୁରୁଭାୟୁରପ୍ପନ ହିନ୍ଦୁ ମନ୍ଦିର ସହ ଜଡ଼ିତ। ଯେଉଁ ମନ୍ଦିରରେ ହାତୀଙ୍କୁ ସୁନ୍ଦରଭାବେ ସଜାଯାଇ ପ୍ରଦର୍ଶିତ କରାଯାଏ।



# ମସ୍ତିଷ୍କ ସଂଗ୍ରହାଳୟ

ଭାରତରେ ବିଭିନ୍ନ ପ୍ରକାରର ସଂଗ୍ରହାଳୟ ଅଛି। ତେବେ ବେଙ୍ଗାଲୁରୁରେ ଥିବା ସଂଗ୍ରହାଳୟ ସବୁଠୁ ଭିନ୍ନ ଓ ନିଆରା। ଏହି ସଂଗ୍ରହାଳୟରେ ପ୍ରଦର୍ଶିତ କରାଯାଏ ମଣିଷ ଓ ପ୍ରାଣୀଙ୍କର ମସ୍ତିଷ୍କ। ଏଠି ଯେଉଁଆଡ଼େ ନଜର ବୁଲାଇବ କେବଳ ସତସତିକା ମସ୍ତିଷ୍କ ଦେଖିବାକୁ ମିଳେ। 'ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ ନ୍ୟୁରୋ ସାଇନ୍ସେକ୍' ପରିସର ଭିତରେ ଥିବା ଏହି ସଂଗ୍ରହାଳୟ ଲୋକଙ୍କୁ ବିଭିନ୍ନ ପ୍ରକାରର ମସ୍ତିଷ୍କକୁ ଖୁବ୍ ନିକଟରୁ ଦେଖିବା ତଥା ଛୁଇଁବାର ସୁଯୋଗ ଦେଇଥାଏ। ଉକ୍ତ ସଂଗ୍ରହାଳୟ ନ୍ୟୁରୋପାଥୋଲୋଜି ବିଭାଗର ପ୍ରଫେସର ତଥା ପ୍ରମୁଖ ଡାକ୍ତର ଏସ୍.କେ. ଶଙ୍କରଙ୍କ ଦ୍ୱାରା ନିର୍ମିତ। ସେ ରୋଗୀଙ୍କ ଶବ ପରୀକ୍ଷଣ କରିବା ସମୟରେ ମସ୍ତିଷ୍କର କିଛି ଅଂଶକୁ ଗବେଷଣା ପାଇଁ ନେବାର ଅନୁମତି ନେଇଥିଲେ। ପ୍ରଥମେ ସେ ଏହାକୁ ଡାକ୍ତରୀ ପଢ଼ୁଥିବା ଛାତ୍ରଛାତ୍ରୀଙ୍କୁ ମସ୍ତିଷ୍କ ସମ୍ପର୍କରେ ପଢାଇବା ଲାଗି ବ୍ୟବହାର କରୁଥିଲେ। ପରେ ଏହି ମସ୍ତିଷ୍କକୁ ନେଇ ସଂଗ୍ରହାଳୟ କରିବାକୁ ଚିନ୍ତା କରିଥିଲେ। ଶେଷରେ ସେ ଏହି ସଂଗ୍ରହାଳୟ କରିବାରେ ସଫଳ ହେଲେ। ଉକ୍ତ ସଂଗ୍ରହାଳୟରେ ପ୍ରାୟ ୫୦୦ ମସ୍ତିଷ୍କ ଅଛି।